

ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।

- ଶ୍ରୀ ଚୈତନ୍ୟଦେବ

# 'ଓଡ଼ିଶା ଟୁରିଜମ୍'କୁ ଆବଶ୍ୟକ ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

'ଖୁସ୍‌ବୁ ଗୁଜରାଟ କି' କ୍ୟାମ୍ପେନ୍ ହେଉ କି 'ଅସମ୍ ଆସାମ୍' କ୍ୟାମ୍ପେନ୍। ଅମିତାଭ ବଚ୍ଚନ ଓ ପ୍ରିୟଙ୍କା ଚୋପ୍ରାଙ୍କ ଭଳି ସେଲିବ୍ରିଟି କ୍ୟାମ୍ପେନର୍ ଉଭୟ ଗୁଜରାଟ ଓ ଆସାମ ପର୍ଯ୍ୟଟନକୁ ବେଶ୍ କିଛିପାଦ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମାତ୍ର ବର୍ଷକ ମଧ୍ୟରେ ଗୁଜରାଟକୁ ପର୍ଯ୍ୟଟକଙ୍କ ଆଗମନ ୧୪ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ପ୍ରିୟଙ୍କା ଚୋପ୍ରାଙ୍କ ପାଇଁ ଆସାମରେ ୧୧ ପ୍ରତିଶତରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ପାଦ ଦେଇଛନ୍ତି। ସେହିଭଳି ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କେରଳ, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ ଓ ଝାଡ଼ଖଣ୍ଡ ଆଦି ରାଜ୍ୟର ପର୍ଯ୍ୟଟନ ସେଲିବ୍ରିଟି ଆମ୍ବାସାଡରଙ୍କ ପାଇଁ ବ୍ୟାପକ ହୋଇପାରିଛି। ମାତ୍ର ଓଡ଼ିଶା ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର ନ ଥିବାରୁ ଓଡ଼ିଶା ପର୍ଯ୍ୟଟନରେ ସେଭଳି ଆଖିଦୃଶିଆ ଅଭିବୃଦ୍ଧି ହୋଇପାରୁ ନ ଥିବା ନେଇ ହୋଟେଲିୟର ଏବଂ ଟୁର୍ ଅପରେଟରମାନେ ଏନେଇ ବିଭିନ୍ନ ସମୟରେ ଅଭିଯୋଗ ଆଣିଛନ୍ତି। ଏବେ 'ଓଡ଼ିଶା ଟୁରିଜମ୍' ପାଇଁ ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର ଆବଶ୍ୟକତା ରହିଛି। ନିକଟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୫ମ ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟକୁ ଦିଆଯାଇଥିବା ପ୍ରସ୍ତାବରେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଆଯାଇଛି।

ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବାକୁ ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ। କମ୍ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିବା ଏବେ ଚିନ୍ତାର ବିଷୟ ହୋଇଛି। ତେବେ ହୋଟେଲିୟର ଏବଂ ଟୁର୍ ଅପରେଟରଙ୍କ କହିବାନୁଯାୟୀ, ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାର ଲାଗି ସେଲିବ୍ରିଟି ବ୍ରାଣ୍ଡ୍ ଆମ୍ବାସାଡର ନାହାନ୍ତି। ବିଭାଗ ପକ୍ଷରୁ ଡିସ୍‌କଭରି, ସିଏନ୍‌ଏନ୍, ଟ୍ରାଭେଲ ଏକ୍ସପି, ଫକ୍ସ୍ ଓ ବିବିସି ଭଳି ଇଣ୍ଟରନ୍ୟାଶନାଲ ଏବଂ ଟାଇମ୍ସ, ଷ୍ଟାର୍, ଭାୟାକମ୍ ଓ ଏବିପି ଭଳି ବିଭିନ୍ନ ଜାତୀୟସ୍ତରୀୟ ପ୍ଲାଟ୍‌ଫର୍ମରେ ବିଜ୍ଞାପନ ଦିଆଯାଉଥିଲେ

## ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ପ୍ରସ୍ତାବ

- ଜାତୀୟ, ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ବିଜ୍ଞାପନରୁ ମିଳିଲାନି ସୁଫଳ
- ବିଭିନ୍ନ ସମୟରେ ମୁହଁ ଖୋଲିଛନ୍ତି ହୋଟେଲିୟର, ଟୁର୍ ଅପରେଟର

ମଧ୍ୟ ଏହା ପର୍ଯ୍ୟଟକଙ୍କୁ ସେତେଟା ଆକୃଷ୍ଟ କରିପାରିନି। ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା ଅଧ୍ୟକ୍ଷ ଜେ.କେ. ମହାନ୍ତି ନିକଟରେ କହିଥିଲେ, ବଲିଉଡ୍ କଳାକାର କିମ୍ବା କ୍ରୀଡା ତାରକାଙ୍କ ଫେସ୍ ଭ୍ୟାଲ୍ୟୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଏବେ ଓଡ଼ିଶା ପର୍ଯ୍ୟଟନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର କରିଛି। ଟିଭି ଚ୍ୟାନେଲ ବିଜ୍ଞାପନରେ ଓଡ଼ିଆ ଅଭିନେତ୍ରୀ, ଅଭିନେତାଙ୍କୁ ଦେଖିବାକୁ ମିଳୁଛି। ହେଲେ ଦେଶ କିମ୍ବା ବିଦେଶରେ ଏମାନେ ସେତେଟା ପରିଚିତ ନ ଥିବାରୁ ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଆକର୍ଷିତ କରିବାରେ ବିଭାଗ ସଫଳ ହୋଇପାରୁନି।

ଅନ୍ୟପକ୍ଷରେ ଆସାମ ଟୁରିଜମ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଥିବା ଗ୍ଲୋବାଲ ଷ୍ଟାର୍ ପ୍ରିୟଙ୍କାଙ୍କ 'ଅସମ୍ ଆସାମ୍' କ୍ୟାମ୍ପେନ୍ ପାଇଁ ଆସାମକୁ ୨୦୧୭ ତୁଳନାରେ ୨୦୧୮ରେ ଅଧିକ ୧୧.୭% ପର୍ଯ୍ୟଟକ ଆସିଥିଲେ। ଗୁଜରାଟ ଟୁରିଜମ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଅମିତାଭଙ୍କ 'ଖୁସ୍‌ବୁ ଗୁଜରାଟ କି' କ୍ୟାମ୍ପେନ୍ ଓ ପଶ୍ଚିମବଙ୍ଗ ପର୍ଯ୍ୟଟନ ବ୍ରାଣ୍ଡ୍ ଆମ୍ବାସାଡର ଶାହାରୁଖ୍ ଖାନ୍‌ଙ୍କ 'ବ୍ରାଣ୍ଡ୍ ଏସ୍‌ଆର୍‌କେ' ସେହି ରାଜ୍ୟ ପର୍ଯ୍ୟଟନକୁ ବିଶ୍ୱବ୍ୟାପୀ କରିପାରିଛି। ସେହିଭଳି ଝାଡ଼ଖଣ୍ଡ ଟୁରିଜମ୍‌ର ବ୍ରାଣ୍ଡ ଆମ୍ବାସାଡର ଭାରତୀୟ କ୍ରିକେଟ୍ ଟିମ୍‌ର ଷ୍ଟାର୍ କ୍ରିକେଟର୍ ମହେନ୍ଦ୍ର ସିଂ ଧୋନୀ ଥିବାବେଳେ ଗୋଆ ଟୁରିଜମ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଅଛନ୍ତି ପ୍ରାଚୀ ଦେଶାଇ। ନିକଟରେ ଆନ୍ଧ୍ରପ୍ରଦେଶ ସରକାର ଏହାର ପର୍ଯ୍ୟଟନର ପ୍ରଚାର ପ୍ରଚାର ପାଇଁ ଜଣେ ଖ୍ୟାତନାମା ସେଲିବ୍ରିଟିଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର କରିବାକୁ ଯୋଜନା କରିଥିବା ମଧ୍ୟ ସୂଚନା ମିଳିଛି। ଏଭଳିସ୍ଥଳେ ଷ୍ଟାଣ୍ଡିଂ କମିଟି ରିପୋର୍ଟ ମୁତାବକ ଓଡ଼ିଶା ପର୍ଯ୍ୟଟନ ଯଦି ବ୍ରାଣ୍ଡ୍ ଆମ୍ବାସାଡର କନ୍‌ସେପ୍ଟକୁ କେବଳ ଯୋଜନା ମଧ୍ୟରେ ସୀମିତ ରଖେ ତା'ହେଲେ ରାଜ୍ୟ ପର୍ଯ୍ୟଟନର ବିକାଶ ଅସମ୍ଭବ ବୋଲି ମତପ୍ରକାଶ ପାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶହୀଦ ରଘୁ-ଦିବାକର ସ୍ମୃତି ସଂସଦ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ ଓ ବୃକ୍ଷରୋପଣ, ୟୁନିଟ-୯, ଜନକଲ୍ୟାଣ ନିକଟସ୍ଥ ପ୍ରତିମୂର୍ତ୍ତି, ପୂର୍ବାହ୍ନ ୧୦ଟା ୩୦।
- ଶାନ୍ତ ମେମୋରିଆଲ ରିହାବିଲିଟେଶନ ସେଣ୍ଟର(ଏସ୍‌ଏମ୍‌ଆର୍‌ସି)ର ପ୍ରତିଷ୍ଠା ଦିବସ, ଆରସିଏମ୍ କଲେଜ ନିକଟ, ଫେଜ୨, ଜୟଦେବ ବିହାର, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ମଡେଲ କ୍ଲଷ୍ଟର ସ୍କୁଲ କୋ-ଅର୍ଡିନେଟର ମହାସଂଘର ରାଲି, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା ୩୦।
- ଟାଟା ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ମ୍ୟାଲେରିଆ ଉପରେ ଆଲୋଚନା ସଭା, ନ୍ୟୁ ମାରିଅନ ହୋଟେଲ, ପୂର୍ବାହ୍ନ ୧୨ଟା।

## ଲେଡି ଆମର୍ହେଷ୍ଟ ଫିଜାଣ୍ଟର ମୃତ୍ୟୁ

**ବାରଙ୍ଗ,୧୭।୭(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନର ପାଦଚଲା ବିହଙ୍ଗ ସରଣୀରେ ଥିବା ଏକ ଲେଡି ଆମର୍ହେଷ୍ଟ ଫିଜାଣ୍ଟ ପକ୍ଷୀର ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ମୃତ୍ୟୁ କରିଥିବା ଏହି ଫିଜାଣ୍ଟଟି ହେଉଛି ଅଣ୍ଡିରା। ତେବେ ମୃତ୍ୟୁର କାରଣ ଜଣାପଡି ନ ଥିବାବେଳେ ଏହି ପକ୍ଷୀର ମୃତ୍ୟୁ ହେବା ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୩ରେ ପହଞ୍ଚିଛି। ସେଥିମଧ୍ୟରେ ୧ମାଈ ଓ ୨ଅଣ୍ଡିରା ଥିବାର ଜଣାପଡିଛି। ଏହି ସରଣୀରେ ୧୧ ପ୍ରଜାତିର ୪୯ଟି ପକ୍ଷୀ ରହିଥିବାବେଳେ ଅଣ୍ଡିରା ଫିଜାଣ୍ଟ ମରିବାପରେ ସମୁଦାୟ ସଂଖ୍ୟା ୪୮ରେ ପହଞ୍ଚିଛି।

## ଗ୍ରହଣ ସ୍ନାନ କଲେ ଶ୍ରୀଲିଙ୍ଗରାଜ

**ପୁରୁଣା ଭୁବନେଶ୍ୱର, ୧୭।୭ (ଡି.ଏନ.ଏ.):** ମହାପ୍ରଭୁ ଶ୍ରୀଲିଙ୍ଗରାଜ ବୁଧବାର ଗ୍ରହଣ ସ୍ନାନ କରିଛନ୍ତି। ମଙ୍ଗଳବାର କେତୁଗ୍ରସ୍ତ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଅବସରରେ ଠାକୁରଙ୍କ ଏହି ସ୍ୱତନ୍ତ୍ର ସ୍ନାନ କରା ଯାଇଥିଲା। ରାତି ପ୍ରାୟ ୩ଟା୨୫ରେ ପାଲିଙ୍କିରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ପ୍ରଭୁ ବାସୁଦେବ ଏବଂ ମା' ଦୁର୍ଗା ବିନ୍ଦୁସାଗର କୂଳକୁ ଯାତ୍ରା କରିଥିଲେ। ସେଠାରେ ଖଟୁଲିରେ ଠାକୁରମାନେ ଅବସ୍ଥାନ କରିବା ପରେ ସେଦିନର ପାଳିଆ ପୂଜାପଣ୍ଡା ବିନ୍ଦୁସାଗର ପାଣିରେ ମନ୍ତ୍ର ଉଚ୍ଚାରଣ କରି ଠାକୁରଙ୍କୁ ସ୍ନାନ କରାଇଥିଲେ। ପରେ ସେବାୟତମାନେ ଦିଅଁଙ୍କୁ ନୂତନ ବସ୍ତ୍ର ପରିଧାନ କରାଇଥିଲେ। ପରେ ଶ୍ରୀଜୀଉମାନେ ପାଲିଙ୍କିରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେଠାରେ ମଧ୍ୟ ପାଲିଆବଡୁ ବିନ୍ଦୁସାଗରରୁ ଆଣିଥିବା ପାଣିରେ ମନ୍ଦିରରେ ପୂଜା ପାଉଥିବା ଠାକୁରମାନଙ୍କୁ ସ୍ନାନ ସାରିବା ପରେ ପୂଜାପଣ୍ଡା ରୁପା ଥାଳିରେ ଗ୍ରହଣ ଖାଇ ଭୋଗ ଲଗାଇଥିଲେ। ଭୋର ୪ଟା ୪୫ ମିନିଟ୍ ଦିଅଁଙ୍କ ମାଘସ୍ନାନ କରାଯାଇଥିଲା। ବଡସିଙ୍ଗାର ନୀତିରେ ଭୋଗ କରାଯାଇଥିଲା। ପରେ ଭୋର ୫ଟା ୩୮ରେ ପଞ୍ଚବକ୍ତ୍ର ଆଳତି କରାଯାଇ ପହଡ ପଡିଥିଲା।

## ଆତ୍ମାହୂତି ଦେବେ କୃଷକ ସାଥୀ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** ଚାରିଥର କୃଷି କର୍ମଣ ପୁରସ୍କାର ପାଇଲା ପରେ ବି ରାଜ୍ୟ ସରକାର କୃଷକ ସାଥୀଙ୍କ ପ୍ରତି ଅବହେଳା କରିଛନ୍ତି। ବାରମ୍ବାର ଦାବି ଜଣାଇ ଆସୁଥିଲେ ବି ସରକାର ଶୁଣୁନାହାନ୍ତି। ଆସନ୍ତା ୧୯ ତାରିଖ ସୁଦ୍ଧା ସରକାର କୃଷକ ସାଥୀ ସଂଘର ଦାବି ପୂରଣ ନ କଲେ ସେମାନେ ଆତ୍ମାହୂତି କରିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ୨୦୦୬ ଠାରୁ ଓଡ଼ିଶା ସରକାର କୃଷି ନୀତି ଅନୁସାରେ ପ୍ରତି ପଞ୍ଚାୟତରେ ଜଣେ ଲେଖାଏ କୃଷକ ସାଥୀଙ୍କୁ ନିଯୁକ୍ତ କରିଥିଲେ। ସଂଘ ଅଭିଯୋଗ କରିଛି ଯେ, ଦୀର୍ଘ ୧୨ ବର୍ଷରୁ ଅଧିକ ସମୟ ଧରି ବିନା ବେତନରେ ସେମାନେ କାମ କରି ଆସୁଛନ୍ତି। କୃଷି କର୍ମଣ ପୁରସ୍କାର ପାଇବା ଓ କାଳିଆ ଯୋଜନାରେ କୃଷକ ସାଥୀଙ୍କ ବଡ଼ ଭୂମିକା ରହିଛି। ସ୍ଥାୟୀ ନିଯୁକ୍ତି, ସର୍ବନିମ୍ନ ମଜୁରୀ ୧୮ ହଜାର ଟଙ୍କା, ପିଏଫ ଓ ଇଏସସିଆଇରେ ଅର୍ନ୍ତଭୁକ୍ତ କରିବାକୁ ସଂଘ ଦାବି ରଖିଛି।

## ୧୫ ଗ୍ରାମ ବ୍ରାଉନସୁଗାର ଜବତ

**ଖୋର୍ଦ୍ଧା ଅଫିସ,୧୭।୭**

ଖୋର୍ଦ୍ଧା ଅବକାରୀ ସ୍କ୍ୱାଡ୍ ପକ୍ଷରୁ ଖୋର୍ଦ୍ଧା ଆଦର୍ଶ ଥାନାର ଭାଲିଆବାଡିରେ ବୁଧବାର ପୂର୍ବାହ୍ନରେ ଅବକାରୀ ବିଭାଗ ଚଢ଼ାଉ କରି ୧୫ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଇନ୍ସପେକ୍ଟର ରଞ୍ଜନ ନାୟକ କହିଛନ୍ତି। ଏହି ଘଟଣାରେ ନିରାକାରପୁର ଷ୍ଟେଶନ ବଜାରର ଅବିନାଶ ସାମନ୍ତରାୟ (୨୪)ଙ୍କୁ ଗିରଫ କରାଯାଇ ନଂ. ୩୦/୨୦୧୯-୨୦ରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ଅବିନାଶଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ଅବିନାଶ ଭାଲିଆବାଡି ଅଞ୍ଚଳରେ ବହୁଦିନ ଧରି ବ୍ରାଉନସୁଗାର କାରବାର କରି ଆସୁଥିଲେ। ତେବେ ବ୍ରାଉନସୁଗାର କେଉଁଠୁ ଆଣୁଥିଲେ ସେ ନେଇ ମୁହଁ ଖୋଲିନାହାନ୍ତି। ବେଆଇନ ନିଶା ଓ ଖଣି ବ୍ୟବସାୟକୁ ରୋକିବାକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଚଢ଼ାଉ ଜାରି ରହିଥିବାବେଳେ ଚେଇଁ ଶୋଇଥିବା ଅବକାରୀ ବିଭାଗ ଲୋକ ଦେଖାଣିଆ ଚଢ଼ାଉ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି।



ଓଏମ୍‌ସି ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବରେ ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଗେଷ୍ଟ୍'ର ଏକ ଦୃଶ୍ୟ।

## 'ଗେଷ୍ଟ'ରେ ନିମ୍ନ ମଧ୍ୟବିତ୍ତ ସହରିଆଙ୍କ କଥା

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

ଓଏମ୍‌ସି ସାଂସ୍କୃତିକ ସଂଘ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ନାଟକ 'ଗେଷ୍ଟ' ମଞ୍ଚସ୍ଥ ହୋଇଯାଇଛି। ଆମ ନିତିଦିନିଆ ଜୀବନର କାହାଣୀକୁ ଏଥିରେ ପରିବେଷଣ କରାଯାଇଛି। ନାଟକର କାହାଣୀ ଅନୁସାରେ, ଜଣେ ସହରୀ ନିମ୍ନ ମଧ୍ୟବିତ ପରିବାରରେ କେହି ଅବାଞ୍ଛିତ ଅତିଥି ଆସି ପହଞ୍ଚିଲେ ପରିସ୍ଥିତି ଯେତିକି ଅସ୍ୱସ୍ତିକର ହୋଇପଡେ ଏବଂ ସେ ଅତିଥି ଯଦି ସ୍ୱାର୍ଥପର କିମ୍ବା ସୁବିଧାବାଦୀ ହୋଇଥାଏ ତେବେ ସମସ୍ୟା ବହୁଗୁଣା ବଢ଼ିଯାଇଥାଏ। ଏହିଭଳି ଦୁଇଜଣ ଅବାଞ୍ଛିତ ଅତିଥି ଆସି ପହଞ୍ଚି ଯାଆନ୍ତି କାହାଣୀର ମୁଖ୍ୟ ଚରିତ୍ର ଶିବ ଚରଣଙ୍କ ଭଡା ଘରେ ଏବଂ ସବୁଦିନ ଲାଗି ରହିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି। ସ୍ୱଳ୍ପ ଦରମାରେ ବଡ ଦୁଃଖ କଷ୍ଟରେ ଚଳୁଥିବା ଶିବଙ୍କ ପରିବାର ପ୍ରମାଦ ଗଣିବାରେ ଲାଗନ୍ତି। ଅତିଥିଙ୍କୁ ଘରୁ କାଢିବା ପାଇଁ ବହୁ ଯୋଜନା ତାଙ୍କୁ ହତାଶ କରି ପକାଏ। କିନ୍ତୁ ଅରକ୍ଷିତକୁ ଦଇବ ସାହା ପରି ଶେଷରେ ଘଟଣାଚକ୍ରରେ ଦୁଇ ଅତିଥି ବାଧ୍ୟହୋଇ ଚାଲି ଯାଆନ୍ତି ଶିବଚରଣଙ୍କ ପରିବାରର ପରିବେଶକୁ କ୍ଷତ ବିକ୍ଷତ କରି। ଏପରି ଏକ କାହାଣୀକୁ ନେଇ କାହାଣୀ ଗତିଶୀଳ ହୁଏ। ନାଟକର ରଚନା ଦର୍ପ ନାରାୟଣ ସେଠୀ କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଧୀର ମଲ୍ଲିକ। ନାଟକରେ ବିଭିନ୍ନ ଭୂମିକାରେ ବିଜୟ ରଥ, ପ୍ରଭାତ ପାତ୍ର, ରମେଶ ଚନ୍ଦ୍ର ପରିଡା, ରୁଦ୍ରନାରାୟଣ ମହାପାତ୍ର, ଜ୍ୟୋତିଷି ମହାନ୍ତି, ସୁହାମ ନାୟକ, ମମତା ମହାନ୍ତି, ସୋନିକା ସାହୁ, ଋତୁଚର୍ଯ୍ୟା ସାହା ପ୍ରମୁଖ ଅଭିନୟ କରିଥିଲେ।

## ନବୀନ ନିବାସ ସମ୍ମୁଖରେ ଦିବ୍ୟାଙ୍ଗ ଛାତ୍ରଙ୍କ ଆତ୍ମହତ୍ୟା ଉଦ୍ୟମ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

- ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବାହାରୁନି ଯୁକ୍ତ୨ ପରୀକ୍ଷା ଫଳ
- କ୍ଷତିପୂରଣ ଦେଉନାହାନ୍ତି ସିଏଚ୍‌ଏସ୍‌ଇ କର୍ତ୍ତୃପକ୍ଷ
- ୧୧ବର୍ଷ ହେବ ସଂଘର୍ଷ କରୁଛନ୍ତି ରବୀନ୍ଦ୍ର

ନ୍ୟାୟ ପାଇଁ ସବୁଠି ନିରାଶ ହେବା ପରେ ଶେଷରେ ଜଣେ ଦିବ୍ୟାଙ୍ଗ ଛାତ୍ର ବୁଧବାର ନବୀନ ନିବାସ ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମାତ୍ର ସେଠାରେ ଉପସ୍ଥିତ ପୋଲିସ ଫୋର୍ସ ତାଙ୍କୁ କାବୁ କରିନେଇଥିଲେ। ତାଙ୍କୁ ପଚରାଉଚରା ପରେ ଶେଷରେ ବୁଝାଶୁଝା କରି ଘରେ ଛାଡ଼ିଥିବା ଜଣାପଡିଛି। ଛାତ୍ର ଜଣକ ହେଉଛନ୍ତି କଟକ ଜିଲା ମାହାଙ୍ଗା ମଧୁପୁର ଗ୍ରାମର ରବୀନ୍ଦ୍ର କୁମାର ଦାସ। ଅଭିଯୋଗ ଅନୁସାରେ, ୨୦୦୮ରେ ସେ ରେଭେନ୍‌ଶାରେ ଯୁକ୍ତ୨ ପରୀକ୍ଷା ଦେଇଥିଲେ। ମାତ୍ର ପରୀକ୍ଷା ଫଳ ବାହାରିବା ପରେ ସେ ସଂସ୍କୃତରେ ଫେଲ୍ ହୋଇଥିବା ଜାଣିବାକୁ ପାଇଲେ। ଆଡ୍‌ମିଶନ ସମୟରେ ତାଙ୍କୁ ଚତୁର୍ଥ ବା ଇଚ୍ଛାଧିନ ବିଷୟ ଭାବେ ସଂସ୍କୃତ ଦିଆଯାଇଥିଲା। କିନ୍ତୁ ସେ ତାହାକୁ ବଦଳାଇ ଏଜୁକେଶନ ରଖିଥିଲେ। ପରୀକ୍ଷା ପାଇଁ ଯେଉଁ ଆଡ୍‌ମିଟ୍ କାର୍ଡ ଦିଆଯାଇଥିଲା ସେଥିରେ ମଧ୍ୟ ଏଜୁକେଶନ ଉଲ୍ଲେଖ ଥିଲା। ଏହି ଅନୁଯାୟୀ ରବୀନ୍ଦ୍ର ପରୀକ୍ଷା ଦେଇଥିଲେ ମଧ୍ୟ ଏଜୁକେଶନ ବିଷୟରେ ଫଳ ବାହାରି ନ ଥିଲା। ଏନେଇ ସେ ପରୀକ୍ଷା ନିୟନ୍ତ୍ରକଙ୍କୁ ଭେଟିବାକୁ ଯାଇଥିବାବେଳେ ତାଙ୍କୁ ଧକ୍କା ମାରି ବାହର କରିଦିଆଯାଇଥିଲା। ଶେଷରେ ସେ ହାଇକୋର୍ଟ ଓ ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ହାଇକୋର୍ଟ ୨୦୦୯ରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କ୍ଷତିପୂରଣ ବାବଦକୁ ୧ ଲକ୍ଷ ୨ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ସିଏଚ୍‌ଏସ୍‌ଇ କର୍ତ୍ତୃପକ୍ଷ ତାଙ୍କ ଫଳ ପ୍ରକାଶ କରୁ ନ ଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗ ମଧ୍ୟ ଆଣିଥିଲେ। ହେଲେ ଏଯାଏ କିଛି ବି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଫଳରେ ରବୀନ୍ଦ୍ର ଉଚ୍ଚ ଶିକ୍ଷା ଲାଭ କରିପାରୁ ନାହାନ୍ତି। ସେ ଦିବ୍ୟାଙ୍ଗ ହୋଇଥିବାରୁ ଜୀବନ ବେକାର ହୋଇଯାଇଛି। ନ୍ୟାୟ ପାଇଁ ସବୁଠି ନିରାଶ ହେବା ପରେ ଶେଷରେ ଆତ୍ମହତ୍ୟା ଭଳି ଚରମପନ୍ଥାକୁ ବାଛି ନେଇଥିଲେ ବୋଲି ରବୀନ୍ଦ୍ର କହିଛନ୍ତି।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

**ବାଲିପାଟଣା,୧୭।୭(ଡି.ଏନ୍.ଏ.)**

ବାଲିପାଟଣା ବ୍ଲକ ଅନ୍ତର୍ଗତ ଅଭୟମୁଖୀ ଗ୍ରାମରେ ବୁଧବାର ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସନ୍ଧ୍ୟାରାଣୀ ମହାପାତ୍ର(୬୬)। ସୂଚନା ଅନୁଯାୟୀ, ସନ୍ଧ୍ୟାରାଣୀ ମଙ୍ଗଳବାର ସନ୍ଧ୍ୟାରେ ଗୋରୁଙ୍କ ପାଇଁ ନଡ଼ା ଆଣିବାକୁ ବାରିକୁ ଯାଇଥିଲେ। ନଡ଼ା କାଢିବା ବେଳେ ଏକ ସାପ ତାଙ୍କ ହାତକୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

## ଓଡ଼ିଶା ସୀମାବର୍ତ୍ତୀ ବିଚ୍ଛିନ୍ନାଞ୍ଚଳରେ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ରଥଯାତ୍ରା ସ୍ୱତନ୍ତ୍ର ବିଶେଷାଙ୍କ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଓଡ଼ିଶା ସୀମାବର୍ତ୍ତୀ ବିଚ୍ଛିନ୍ନାଞ୍ଚଳର ମଞ୍ଜୁଷା, ଟିକାଲି, ଇଚ୍ଛାପୁର ଓ ବିଶାଖାପାଟଣା ଆଦିକୁ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ରଥଯାତ୍ରା ବିଶେଷାଙ୍କ ବିତରଣ ନିମନ୍ତେ ପଠାଯାଇଛି। ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ପରିସରରୁ ସ୍ୱତନ୍ତ୍ର ଯାନ ବିଚ୍ଛିନ୍ନାଞ୍ଚଳ ଅଭିମୁଖେ ଯାତ୍ରାରମ୍ଭ କରିଛି। ବିଭାଗୀୟ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ପତାକା ହଲାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭାଗୀୟ ଅତିରିକ୍ତ ନିର୍ଦ୍ଦେଶକ ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଓ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଦ୍ୱୈତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଝାଡ଼ଖଣ୍ଡର ଷଢ଼େଇକଳା, ଖରସୁଆଁ ଓ ଚାଇଁବସାର ଓଡ଼ିଆ ଭଉଣୀଭାଇଙ୍କ ପ୍ରତି ଆନ୍ତରିକତାର ନିଦର୍ଶନ ସ୍ୱରୂପ ବିଭାଗ ପକ୍ଷରୁ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ସ୍ୱତନ୍ତ୍ର ରଥଯାତ୍ରା ବିଶେଷାଙ୍କ ପ୍ରେରଣ କରାଯାଇଥିଲା। ତାହା ସେମାନଙ୍କ ନିକଟରେ ପହଞ୍ଚିପାରିଛି। ବିଚ୍ଛିନ୍ନାଞ୍ଚଳଗୁଡ଼ିକରେ ଥିବା ଓଡ଼ିଆ ସମାଜ କର୍ମକର୍ତ୍ତାଙ୍କ ସହଯୋଗ ଯୋଗୁ ଏହି କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରାଯାଇପାରୁଛି।



## ଡକାୟତି ଉଦ୍ୟମ, ୬ ଗିରଫ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ରେଲୱେ ଷ୍ଟେଶନ ନିକଟ ଏକ ବନ୍ଦ ଘରୁ ଡକାୟତି ଯୋଜନାବେଳେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ଅନ୍ୟଜଣେ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଶିଖରଚଣ୍ଡୀ ନଗରରେ ରହୁଥିବା ସୁଶାନ୍ତ ରାଉତ, ରମେଶ ନାୟକ, ସୁକୁମାର ବେହେରା, ପ୍ରଶାନ୍ତ ଦାସ, ସୁବାସ ସାହୁ ଏବଂ କୌଶିକ ନୟନ ଝା। ପୋଲିସ ସେମାନଙ୍କ ନିକଟରୁ ଚାପଡ, ଶାବଳ, ଲୁହାରଡ, ୩ଟି ମୋବାଇଲ ଏବଂ ବାଇକ ଜବତ କରିଛି। ଏ ନେଇ ୧୫୧/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଫଟୋରେ ଖବର



ଗୁରୁ ଦେବପ୍ରସାଦ ଫାଉଣ୍ଡେଶନ ପକ୍ଷରୁ ତୃତୀୟ ପରିପୂର୍ଣ୍ଣା ନୃତ୍ୟ ଉତ୍ସବ 'ନାୟିକା-୨୦୧୯'ର ବୁଧବାର ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ପୁରସ୍କୃତ ନୃତ୍ୟ ଶିଳ୍ପୀମାନେ।

## ପ୍ରଥମ କାଞ୍ଚନ ସମ୍ମାନ ପ୍ରଦାନ ଉତ୍ସବ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** କାଞ୍ଚନ ଫାଉଣ୍ଡେଶନ ପକ୍ଷରୁ ପ୍ରଥମ 'କାଞ୍ଚନ ସମ୍ମାନ- ୨୦୧୯' ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି, ଶିକ୍ଷାବିତ ବିଧୁଭୂଷଣ ପଟ୍ଟନାୟକ ଓ ଆତ୍ମଜା ସମ୍ପାଦିକା କବିତା ମଞ୍ଜରୀ ପରିଡ଼ା, ଅଭିନେତ୍ରୀ ଲିପ୍‌ସା ମିଶ୍ର, ଦେବଯାନୀ ଦେଘୁରିଆ ଯୋଗ ଦେଇଥିଲେ। କାଞ୍ଚନର ସାମାଜିକ ଉନ୍ନତିରେ ଅନେକ ଭାଗୀଦାରି ରହିଛି। ଏହି ଅନୁଷ୍ଠାନ ଖୁବ୍ ଆଗକୁ ଯିବ ବୋଲି ପାଣିଗ୍ରାହୀ କହିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ବହୁ ପ୍ରତିଭାଧାରୀ ବ୍ୟକ୍ତି, ସାମାଜିକ ଅନୁଷ୍ଠାନ ଓ ୪ଟି ଦୁର୍ଗାପୂଜା ମଣ୍ଡପକୁ ସମ୍ବର୍ଦ୍ଧିତ କରାଯାଇଥିଲା।




ସମାଜ ସଂସ୍କାରକ ସରୋଜିନୀ ରାଉଳଙ୍କୁ ଅତିଥିମାନେ କାଞ୍ଚନ ସମ୍ମାନ ପ୍ରଦାନ କରୁଛନ୍ତି।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ପୂର୍ବତନ ସରପଞ୍ଚଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଡେଲାଙ୍ଗ/ସାକ୍ଷୀଗୋପାଳ,୧୭।୭ (ଡି.ଏନ୍.ଏ.): ସତ୍ୟବାଦୀ ଥାନା ତଥା ଡେଲାଙ୍ଗ ବ୍ଲକ ଅଧୀନ ଅଭୟମୁଖୀ ସମବାୟ ସମିତିର କାର୍ଯ୍ୟାଳୟରୁ ବୁଧବାର ସକାଳୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଉକ୍ତ ଥାନା ଅଧୀନ ଇନ୍ଦିପୁର ଗ୍ରାମର କୃଷ୍ଣଚନ୍ଦ୍ର ସେନାପତି(୫୫)। ସେ ପୂର୍ବରୁ ରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତର ସରପଞ୍ଚ ଥିବାବେଳେ ଏବେ ଉକ୍ତ ସମିତି କାର୍ଯ୍ୟାଳୟର ସଭାପତି ଅଛନ୍ତି। ଘଟଣାରୁ ପ୍ରକାଶ କୃଷ୍ଣଚନ୍ଦ୍ର ସମିତି କାର୍ଯ୍ୟାଳୟରେ ପ୍ରତିଦିନ ରାତ୍ରିଯାପନ କରୁଥିଲେ। ବୁଧବାର ସକାଳୁ ଘରର କବାଟ ଖୋଲାଥିବାବେଳେ ସେ ସିଲିଂ ଫ୍ୟାନରେ ଝୁଲୁଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ସତ୍ୟବାଦୀ ଥାନା ଆଇଆଇସି ତପନ କୁମାର ରାଉତ ଓ ତଦନ୍ତ ଅଧିକାରୀ ଏଏସଆଇ ବାନାମ୍ବର ବେହେରା ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ କରିବା ସହ ସ୍ଥିତି ଅନୁଧାନ କରିଥିଲେ। ପରେ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । କୃଷ୍ଣଚନ୍ଦ୍ର ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରି ନଂ୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜ କରିଛି। ମୃତ୍ୟୁ ଖବରପାଇ ବ୍ଲକ ଅଧକ୍ଷ ପ୍ରସନ୍ନ ସାହୁ, ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର ଆଚାରୀଆ, ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ତହସିଲଦାର ରାଜେନ୍ଦ୍ର ଆଚାରୀଆ, ବିଜୟ ଚମ୍ପତି, ସମିତି ସଭ୍ୟ ବାସୁଦେବ ଜେନା ପ୍ରମୁଖ ଘଟଣାସ୍ଥଳରେ ଉପସ୍ଥିତ ଥିଲେ।

### ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

ନିମାପଡ଼ା,୧୭।୭(ଡି.ଏନ୍.ଏ.): ନିମାପଡ଼ା ଏନ୍ଏସି ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ବୁଧବାର ନିମାପନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ମନୋଜ ନୟକ। ପୋଲିସ ସୂଚନା ଅନୁଯାୟୀ, ମହିଳାଜଣକ ମଙ୍ଗଳବାର ରାତିରେ ଶୋଇଥିବା ବେଳେ ଅଭିଯୁକ୍ତଜଣଙ୍କ ତାଙ୍କୁ ଅସଦାଚରଣ କରିଥିଲେ। ହଠାତ୍ ମହିଳାଜଣକ ଚିତ୍କାର କରିବାରୁ ତାଙ୍କ ସ୍ୱାମୀ ଉଠିପଡିଥିଲେ। ଏହା ପରେ ଉଭୟ ଦମ୍ପତି ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୭୫/୧୯)ରୁଜୁ କରି ତଦନ୍ତ ଚଳାଇଛି।

### ୧୯ ତାରିଖରୁ 'ତନେରା' ପକ୍ଷରୁ ଶାଢ଼ି ପ୍ରଦର୍ଶନୀ

ଭୁବନେଶ୍ୱର,୧୭।୭(ବ୍ୟୁରୋ): ଟାଇଟାନ୍ର ନୂତନ ବ୍ରାଣ୍ଡ 'ତନେରା' ପକ୍ଷରୁ ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ ହୋଟେଲ୍ରେ ହାତ ତିଆରି ଶାଢ଼ି ପ୍ରଦର୍ଶନୀ ଓ ସେଲ୍ ଆୟୋଜିତ ହେବ। ପ୍ରଦର୍ଶନୀରେ ତନେରାର ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଶାଢ଼ି ପ୍ରଦର୍ଶିତ ହେବ। ସିଲ୍କ, କଟନ, ଚନ୍ଦେରି ସହ ମାହେଶ୍ୱରୀ, ସଫ୍ଟ କଟନ ବେଙ୍ଗଲ ଜାମଦାନି, କାଞ୍ଜିବରମ୍ ଓ ବନାରସୀ ସିଲ୍କ ଭଳି ପାରମ୍ପରିକ ଟସର, ଇକ୍କତ୍ ଓ ସାଉଥ୍ ସିଲ୍କ ଶାଢ଼ି ଏହାର ପ୍ରମୁଖ ଆକର୍ଷଣ ରହିବ। ଏନେଇ ତନେରାର ବିଜ୍‌ନେସ୍ ହେଡ୍ ଶ୍ୟାମଲା ରମଣନ୍ କହିଛନ୍ତି, ହସ୍ତତନ୍ତ ଓ ଭାରତର ଦକ୍ଷ କାରିଗରଙ୍କ ବାସସ୍ଥଳୀ ହେଉଛି ଓଡ଼ିଶା। ସାରା ଭାରତରେ ଥିବା ପାରମ୍ପରିକ ଓ ପ୍ରାକୃତିକ ତନ୍ତ ଶାଢ଼ିକୁ ଆମେ ଭୁବନେଶ୍ୱର ଆଣୁଥିବାରୁ ବହୁତ ଖୁସି। ଏଠାକାର ମହିଳାମାନେ ନିଶ୍ଚୟ ଏହି ଶାଢ଼ିକୁ ପସନ୍ଦ କରିବେ ବୋଲି ସେ କହିଛନ୍ତି। ଭୁବନେଶ୍ୱର ପ୍ରଦର୍ଶନୀରେ ବିଭିନ୍ନ ପ୍ରକାର ସମ୍ଭାର ଗ୍ରାହକଙ୍କ ପସନ୍ଦ ପାଇଁ ସୁଯୋଗ ସୃଷ୍ଟି କରିବ। ତନେରାରେ ନୂତନ ଭାବେ ସାମିଲ ହୋଇଥିବା ରାଜସ୍ଥାନର ସାଙ୍ଗେନେରି ବ୍ଲକ୍ ପ୍ରିଣ୍ଟସ୍, ବିଭିନ୍ନ ପ୍ରକାର ଇକ୍କତ ଶାଢ଼ି, ବାଗ୍ ଏବଂ ଆଜ୍ରାଖ ବ୍ଲକ୍ ପ୍ରିଣ୍ଟ, କମ୍ପାନୀ ଦ୍ୱାରା ଡିଜାଇନ୍ କରାଯାଇଥିବା ଟସର ଓ ଜାମଦାନି ତନେରା ଆଦି ମୁଖ୍ୟ ଆକର୍ଷଣ ରହିବ। ଏହାବ୍ୟତୀତ ବିଭିନ୍ନ ଡ୍ରେସ୍ ମାଟେରିଆଲ୍, ରେଡି ଟୁ ଓ୍ୟାର ବ୍ଲାଉଜ୍, ଷ୍ଟୋଲ୍, ଓଢଣା ଆଦି ଏଠାରୁ ପାଇପାରିବେ ଗ୍ରାହକ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ବୁଧବାର ପୁରୀ ବଡ଼ଦାଣ୍ଡରେ ଲହରି ମାରୁଥିବା ଆବର୍ଜନାମିଶା ବର୍ଷା ପାଣି।

## ନିଶା କାରବାର ଲିଙ୍କରେ ୨ ମହିଳା ଏଜେଣ୍ଟ
# ଏସ୍‌ଟିଏଫ୍ ଲିଷ୍ଟରେ ସଞ୍ଜୁ, ପାକୁ ଓ କାକା

ଖୋର୍ଦ୍ଧା ଅଫିସ,୧୭।୭

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟାର୍ଗେଟରେ ଏବେ ନିଶା ମାଫିଆ। ବ୍ରାଉନ୍‌ସୁଗାର କାରବାରର ମାଷ୍ଟରମାଇଣ୍ଡ ତଥା ଖୋର୍ଦ୍ଧା ପଥରଖଣି ଉପତ୍ୟକାରେ ରାଜ୍ କରୁଥିବା ସୁଧାଂଶୁ ପରିଡ଼ା ଓରଫ ଛୋଟା ଆତ୍ମସମର୍ପଣ କରି ଏବେ ଜେଲ୍‌ରେ ଅଛନ୍ତି। ତାଙ୍କର ୩ ସହଯୋଗୀଙ୍କୁ ଏସ୍‌ଟିଏଫ୍ ଗିରଫ କରିବା ସହ ୩୫ଲକ୍ଷ ଟଙ୍କାର ବ୍ରାଉନସୁଗାର, ଗୋଟିଏ ବନ୍ଧୁକ, ଦୁଇଟି ଗୁଳି ଓ ଗାଡ଼ି ଆଦି ଜବତ କରିଛି। ସହଯୋଗୀ ଧରାପଡ଼ିବା ପରେ ଛୋଟା ସାମ୍ରାଜ୍ୟକୁ ବଡ଼ ଶକ୍ତ ଧକ୍କା ଲାଗିଛି। ତେବେ ସହଯୋଗୀଙ୍କଠାରୁ ଏସ୍‌ଟିଏଫ୍ ନିଶା ସାମ୍ରାଜ୍ୟ ସମ୍ପର୍କରେ ବହୁକିଛି ତଥ୍ୟ ପାଇଛି। ଏସବୁ ଆଧାରରେ ଛୋଟା ଲିଙ୍କ୍‌ରେ ଥିବା ମହିଳା ଏଜେଣ୍ଟ ଓ ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଛି। ତେବେ ଏସ୍‌ଟିଏଫ୍ ପ୍ରସ୍ତୁତ କରିଥିବା ତାଲିକାରେ ରୁପା ଓ ମିନା ନାମ୍ନୀ ଦୁଇଜଣ ମହିଳା ଏଜେଣ୍ଟଙ୍କ ନାମ ଥିବାବେଳେ ହିଟ୍ ଲିଷ୍ଟରେ ସଞ୍ଜୁ, ପାକୁ ଓ କାକାଙ୍କ ନାଁ ରହିଛି। ଏମାନେ କିଏ ତାହାକୁ ନେଇ ଏବେ ଲୋକଙ୍କ ମଧ୍ୟରେ ନାନା ଚର୍ଚ୍ଚା ଚାଲିଛି। ତେବେ ଛୋଟାଙ୍କ ଡ୍ରାଇଭରଠାରୁ ଏସ୍‌ଟିଏଫ୍ ତଥ୍ୟ ଯୋଗାଡ କରି ରିମାଣ୍ଡରେ ନେବାକୁ ପ୍ରୟାସ କରୁଛି। ଏଭଳିସ୍ଥଳେ ଛୋଟା ଜାମିନରେ ଯିବେ ବୋଲି ଯେଉଁ କେତେଜଣ ରାଜନେତା ଉଦ୍ୟମ ଚଳାଇଥିଲେ ତାହା ଫସର ଫାଟିବାକୁ ବସିଛି।

**ଫସିବେ ପୂର୍ବତନ କାଉନସିଲର**

ଖୋର୍ଦ୍ଧାର ଜଣେ ପୂର୍ବତନ କାଉନ୍‌ସିଲର ଛୋଟାଙ୍କର ଅତି ଘନିଷ୍ଠ ଓ ରିଙ୍ଗ୍ ମାଷ୍ଟର ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଯଦିଓ ଛୋଟା ନିଜକୁ ନିଶା ଜଗତର ବାଦ୍‌ଶାହା ବୋଲି ଭାବୁଥିଲେ ତେବେ ପୂର୍ବତନ କାଉନ୍‌ସିଲରଙ୍କ ବିନା ସିଗ୍‌ନାଲରେ ସେ କିଛି କାମ କରୁ ନ ଥିଲେ। ପୂର୍ବତନ କାଉନ୍‌ସିଲର କେତେଜଣ ରାଜନେତା, ପୋଲିସ, ଅବକାରୀ ବିଭାଗର କେତେଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଧରି ଛୋଟାଙ୍କୁ ସବୁ ପ୍ରକାର ସହଯୋଗ କରି ଆସୁଥିଲେ। ଏପରିକି ଛୋଟାଙ୍କୁ ଆତ୍ମସମର୍ପଣ କରିବାକୁ ପ୍ରବର୍ତ୍ତାଇ ଥିଲେ ବୋଲି ଏସ୍‌ଟିଏଫ୍ ହାତରେ ପ୍ରମାଣ ଲାଗିଥିବା ଜଣାପଡିଛି। ଛୋଟାଙ୍କୁ ରିମାଣ୍ଡରେ ନିଆଯିବା ପରେ ପୂର୍ବତନ କାଉନ୍‌ସିଲରଙ୍କ ପାଳି ପଡିବ ବୋଲି କୁହାଯାଉଛି।

**ଭାଙ୍ଗିବ ଦୋକାନ ଓ ୩୨ ବଖରା ଅର୍ଦ୍ଧନିର୍ମିତ ଘର**

ଖୋର୍ଦ୍ଧା ତହସିଲ ପାଚେରିକୁ ଲାଗି ଛୋଟା କରିଥିବା ଦୁଇଟି ଦୋକାନ ଭଙ୍ଗାଯିବ। ଗୁରୁଜଙ୍ଗ ଜବରଦସ୍ତପୁର ଦ୍ୱାରିକାନଗରର ଛୋଟାଙ୍କ ଘର ପଛ ପାଖରେ ଥିବା ୩୨ ବଖରା ଘର ଉଚ୍ଛେଦ ହେବ। ଗତ ୧୫ ତାରିଖରେ ଛୋଟାଙ୍କ ଆଡ୍ଡାସ୍ଥଳ ଦ୍ୱାରିକାନଗରସ୍ଥିତ କୋଟିଏ ଟଙ୍କାର ୧୪ ବଖରା ଘରକୁ ପ୍ରଶାସନ ମାଟିରେ ମିଶାଇ ଦେଇଥିଲେ ମଧ୍ୟ ୩୨ ବଖରା ଅର୍ଦ୍ଧ ନିର୍ମିତ ଘର ବାଦ୍ ପଡିଥିଲା। ଖୋର୍ଦ୍ଧା ଆରଆଇ କବିରାଜ ସେଠୀ କୁହନ୍ତି, ଅର୍ଦ୍ଧ ନିର୍ମିତ ଘର ସମ୍ପର୍କରେ ଜିଲାପାଳ ସୀତାଂଶୁ କୁମାର ରାଉତ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ଭଙ୍ଗାଯିବାକୁ ନିର୍ଦ୍ଦେଶ ରହିଛି।

## ପଟ୍ଟନାୟିକିଆ ଛକ ଟ୍ରିପଲ ମର୍ଡର ଘଟଣା
# ଜେଲ୍ ଗଲେ ୬ ଅଭିଯୁକ୍ତ

ସାକ୍ଷୀଗୋପାଳ,୧୭।୭(ଡି.ଏନ୍.ଏ.)



ଗିରଫ ହୋଇଥିବା ୬ ଅଭିଯୁକ୍ତ।

ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ପଟ୍ଟନାୟିକିଆ ଛକ ଟ୍ରିପଲ ମର୍ଡର ଘଟଣାରେ ଗିରଫ ୬ ଅଭିଯୁକ୍ତଙ୍କୁ ପୋଲିସ ବୁଧବାର ଏସ୍‌ଡିଜେଏମ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପୁରୀ ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୭ଜଣଙ୍କୁ ଧରିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ାଉ ଜାରି ରଖିଥିବା ସତ୍ୟବାଦୀ ଥାନା ଆଇଆଇସି ତପନ କୁମାର ରାଉତ କହିଛନ୍ତି। ସୂଚନାଥାଉ କି, ସତ୍ୟବାଦୀ ଥାନା ଅଧୀନ ପଟ୍ଟନାୟିକିଆ ଛକରେ ଗତ ରବିବାର ଅପରାହ୍ଣ ପ୍ରାୟ ୪ଟା ରେ ଘଟିଥିଲା ଟ୍ରିପଲ ମର୍ଡର। ନିକଟସ୍ଥ ସଦାନନ୍ଦପୁର ଗ୍ରାମର ଦୁଇ ଭାଇ ପୂର୍ଣ୍ଣ ବେହେରା, କୃଷ୍ଣ ବେହେରା ଓ ଦାଦା ପୁଅ ଭାଇ ପଞ୍ଚୁଆ ବେହେରାଙ୍କୁ ଦୁର୍ବୃତ୍ତମାନେ ଗୋଡାଇ ଗୋଡାଇ ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ସୁବଳ ବେହେରା, ଭିକାରୀ ବେହେରା, ହରିହର ବେହେରା, ମନୁଆ ବେହେରା, ସହଦେବ ବେହେରା ଓ ଶଙ୍କର ବେହେରାଙ୍କୁ ଗିରଫ କରିଥିଲା। ଜମିବାଡି ଓ ବ୍ୟବସାୟକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଏସ୍‌ପି ଡା. ଉମାଶଙ୍କର ଦାଶ କହିଥିଲେ।

# ବର୍ଷାଦିନିଆ ରୋଗକୁ ରୋକିବେ ପ୍ରଗତି ସାଥୀ



ଭୁବନେଶ୍ୱର, ୧୭।୭(ବ୍ୟୁରୋ)

ବର୍ଷାଦିନରେ ଜଳ ବାହିତ ରୋଗ ତଥା ପରିମଳ ଜନିତ ରୋଗରୁ ରାଜଧାନୀକୁ ରକ୍ଷା କରିବା ଲାଗି 'ସୋସିଆଲି ସ୍ମାର୍ଟ ଭୁବନେଶ୍ୱର' ଯୋଜନାରେ 'ପ୍ରଗତି ସାଥୀ' ନାମରେ ୬୦ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ବିଶେଷ ଟ୍ରେନିଂ ଦିଆଯାଇଛି। ଏମାନେ ସହର ଭିତରେ ବିଭିନ୍ନ ବସ୍ତିଗୁଡିକ କିଭଳି ପରିଷ୍କାର ପରିଚ୍ଛନ୍ନ ରହିବ ତାକୁ ଦେଖିବେ ଓ ସାଧାରଣ ଲୋକଙ୍କୁ ସଚେତନ କରେଇବେ। ସଫା ସୁତୁରା ରହିବା ଦ୍ୱାରା ବର୍ଷା ଦିନିଆ ରୋଗ ସବୁରୁ ରକ୍ଷା ପାଇହେବ। ବିଶେଷ କରି ମ୍ୟାଲେରିଆ, ଡାଏରିଆ ଓ ଡେଙ୍ଗୁ ରୋଗକୁ ନଜରରେ ରଖି ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ବିଏସ୍‌ସିଏଲ କର୍ତ୍ତୃପକ୍ଷ କହିଛନ୍ତି। ରୋଗ ବିଷୟରେ ପିପିଟି ମାଧ୍ୟମରେ ଜଣେଇବା ସହ ଲକ୍ଷଣଗୁଡିକ ବି ଜଣାଇ ଦିଆଯାଇଛି। ସେମାନେ ବସ୍ତି ବାସିନ୍ଦା ସଚେତନ କରେଇବେ ଯେ, ଲକ୍ଷଣ ଦେଖାଯିବା ମାତ୍ରେ ସଙ୍ଗେସଙ୍ଗେ ଡାକ୍ତରଖାନାକୁ ଯିବେ। ସତ୍ୟନଗର ଓ ଆଇଆରସି ଭିଲେଜ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ୬୦ ଜଣ ପ୍ରଗତି ସାଥୀଙ୍କୁ ଟ୍ରେନିଂ ଦିଆଯାଇଛି।

# ପ୍ରକାଶ ରାଓଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

**ମାଗଣା ଚିକିତ୍ସା ସହ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର,୧୭।୭(ବ୍ୟୁରୋ)

ପଦ୍ମଶ୍ରୀ ଡି. ପ୍ରକାଶ ରାଓଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୁରୁତର ଅସୁସ୍ଥ ହୋଇ ମଙ୍ଗଳବାର କଟକସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ପ୍ରକାଶ ରାଓଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିବାକୁ ମୁଖ୍ୟମନ୍ତ୍ରୀ କଟକ ଜିଲାପାଳ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ପ୍ରକାଶ ରାଓ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁଗୋଳ ଯାଇଥିବା ବେଳେ ସେଠାରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ତୁରନ୍ତ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏବେ ସେ ଆଇସିୟୁରେ ରହି ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଚା' ବିକ୍ରି କରି ସେ ଆଶା ଓ ଆଶ୍ୱାସନା ନାମରେ ଏକ ସ୍କୁଲ ପ୍ରତିଷ୍ଠା କରି ବସ୍ତି ପିଲାଙ୍କୁ ମାଗଣାରେ ଶିକ୍ଷାଲାଭ କରିବାର ସୁଯୋଗ ଦେଇଥିଲେ। କେବଳ ଏତିକି ନୁହେଁ, ନିଜ ଜୀବନକାଳ ମଧ୍ୟରେ ସେ ୨୦୦ରୁ ଅଧିକଥର ରକ୍ତଦାନ କରି ରେକର୍ଡ କରିଛନ୍ତି। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗତ ମାର୍ଚ୍ଚ ମାସରେ ତାଙ୍କୁ ରାଷ୍ଟ୍ରପତି 'ପଦ୍ମଶ୍ରୀ' ପ୍ରଦାନ କରିଥିଲେ।

# ଭେଟିଲେ ଜିଲାପାଳ, ଆର୍‌ଡିସି

କଟକ ଅଫିସ, ୧୭।୭

ପଦ୍ମଶ୍ରୀ ଡି. ପ୍ରକାଶ ରାଓ ଅସୁସ୍ଥ ହୋଇ ଏସ୍‌ସିବି ମେଡିକାଲର ମେଡିସିନ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ବୁଧବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ ମେଡିକାଲରେ ପହଞ୍ଚି ରାଓଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଏସ୍‌ସିବି ଅଧୀକ୍ଷକ ଡ. ସିବିକେ ମହାନ୍ତି, ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ନାୟକଙ୍କୁ ପଚାରି ବୁଝିଥିଲେ। ପରେ ଆରଡିସି ଓ ଜିଲାପାଳ, ଏସ୍‌ସିବି ମେଡିକାଲ ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା ଓ ରାଓଙ୍କ ସହଧର୍ମିଣୀଙ୍କ ଉପସ୍ଥିତିରେ ଜିଲା ରେଡକ୍ରସ୍ ପାଣ୍ଠିରୁ ୨୫ ହଜାର ଟଙ୍କାର ଚେକ୍ ସହାୟତା ରାଶି ରାଓଙ୍କୁ ପ୍ରଦାନ କରିଥିଲେ। ଏସ୍‌ସିବି ଅଧୀକ୍ଷକ ମହାନ୍ତିଙ୍କ ସୂଚନା ଅନୁଯାୟୀ, ପଦ୍ମଶ୍ରୀ ରାଓ କ୍ରମଶଃ ସୁସ୍ଥ ହେଉଛନ୍ତି। ତାଙ୍କର ଏମ୍ଆର୍ଆଇ ଓ ସିଟିସ୍କାନ ସହିତ ରକ୍ତ ପରୀକ୍ଷା କରାଯାଇଛି। ତେବେ ବ୍ରେନ୍ ଷ୍ଟ୍ରୋକ ହୋଇଥିବାରୁ ତାଙ୍କ ଶରୀରର ଡାହାଣ ପାର୍ଶ୍ୱ ସାମାନ୍ୟ ପକ୍ଷାଘାତରେ ଆକ୍ରାନ୍ତ ହୋଇଛି।

# ଓୟୁଏଟି ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି



ଭୁବନେଶ୍ୱର, ୧୭।୭(ବ୍ୟୁରୋ)

ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନରେ ରାଜ୍ୟର ବିଭିନ୍ନ ସ୍କିମ୍, ଅଫିସ ଦପ୍ତର ଓ ଗବେଷଣାଗାରରେ କାର୍ଯ୍ୟରତ ୫ଶହରୁ ଊର୍ଦ୍ଧ୍ୱ ଶ୍ରମିକ ଗତ ୧୫ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରଖିଛନ୍ତି। କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଧାରଣା ଦେବା ସହ ଦାବି ପୂରଣ ନ ହେବା ଯାଏଁ ସେମାନଙ୍କ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଜଣାଇଛନ୍ତି। ଦୀର୍ଘ ୧୦ରୁ ୩୦ବର୍ଷ ଧରି ଓୟୁଏଟିରେ କାର୍ଯ୍ୟରତ କର୍ମଚାରୀମାନେ କଠିନ ପରିଶ୍ରମ ଯୋଗୁ ବିଭିନ୍ନ ଉନ୍ନତ କୃଷି ଜାତୀୟ ଫସଲର ବୈଜ୍ଞାନିକ ପଦ୍ଧତିରେ ଗବେଷଣା ଓ ଉତ୍ପାଦନ ବୃଦ୍ଧି ପାଇଛି। କିନ୍ତୁ ଉକ୍ତ କାର୍ଯ୍ୟକୁ କରିଥିବା ଶ୍ରମିକମାନେ ଆଇନଗତ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ଏଯାବତ୍ ସ୍ଥାୟୀ ଶ୍ରମିକ ଭାବେ ନିଯୁକ୍ତ କରାଯାଇନାହିଁ। କର୍ତ୍ତୃପକ୍ଷମାନେ ସେମାନଙ୍କୁ ଶୋଷଣ କରିବା ସହ ଗୋତି ଶ୍ରମିକ ଭାବେ ଖଟାଉଛନ୍ତି। ସମାନ କାମକୁ ସମାନ ଦରମା ଦେବାରେ ମଧ୍ୟ ସେମାନେ ପଛଘୁଞ୍ଚା ଦେଉଛନ୍ତି। ତେଣୁ ଏ ପରିପ୍ରେକ୍ଷୀରେ ଶ୍ରମିକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଥିବା ଓୟୁଏଟି ଓ୍ୱାର୍କର୍ସ ୟୁନିୟନର ସମ୍ପାଦକ ସତ୍ୟନାରାୟଣ ନାୟକ କହିଛନ୍ତି।

## ଗଛରେ ପିଟି ହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ
# ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ, ରାସ୍ତାରୋକୋ

ନିମାପଡ଼ା,୧୭।୭(ଡି.ଏନ୍.ଏ.)



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରୁଛନ୍ତି।

ଚଅଁରପଦା ପଞ୍ଚାୟତ ଅଫିସ ଛକ ନିକଟରେ ବୁଧବାର ଏକ ବାଇକ୍ ଗଛରେ ପିଟି ହେବା ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବାଇକ୍ ଚାଳକ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ଗାରେଡିପାଞ୍ଚଣ ଗ୍ରାମର ଅକ୍ଷୟ କୁମାର ଭୋଇ। ଗୁରୁତର ଭରତ ବରାଳଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅକ୍ଷୟଙ୍କ ଦାଦା ଶ୍ରୀଧର ଭୋଇଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୭୮/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅକ୍ଷୟ ଓ ଭରତ ବାଇକ୍ (ଓଡି ୦୨ ଏଏମ୍ ୨୧୩୨)ରେ ନିମାପଡ଼ାରୁ ଗାରେଡିପାଞ୍ଚଣକୁ ଫେରୁଥିବା ବେଳେ ଚଅଁରପଦା ପଞ୍ଚାୟତ ଅଫିସ ଛକ ନିକଟରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଭରତଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ମାତ୍ର ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ଲୋକେ ଘଟଣାସ୍ଥଳରେ ରାସ୍ତାରୋକା କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଆମ୍ବୁଲାନ୍ସ ପହଞ୍ଚିବା ପରେ ଗୁରୁତର ଅକ୍ଷୟଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ଜୁଲାଇ, ୨୦୧୯



ସର୍ବଦା ପ୍ରାର୍ଥନା କର, ଯେପରି ତୁମ ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
- ଫ୍ରାଙ୍କଲିନ୍



**ସଂକ୍ଷେପରେ**

## ୨୦ରେ ରୁଚି ପ୍ରତିଭା ସମ୍ମାନ ସମାରୋହ

**କଟକ ଅଫିସ,୧୭।୭:** ରୁଚି ପ୍ରତିଭା ଫାଉଣ୍ଡେଶନ ପକ୍ଷରୁ ୨୩ତମ ରୁଚି ପ୍ରତିଭା ସମ୍ମାନ ସମାରୋହ ଆସନ୍ତା ୨୦ତାରିଖରେ କଟକ ଶହୀଦଭବନରେ ଅନୁଷ୍ଠିତ ହେବ। ଚଳିତବର୍ଷ ଫାଉଣ୍ଡେଶନ ପକ୍ଷରୁ ପଦ୍ମଶ୍ରୀ କମଳା ପୂଜାରୀ, ଦୈତାରୀ ନାଏକ ଏବଂ ଡି. ପ୍ରକାଶ ରାଓଙ୍କୁ ରୁଚି ଦେଶଜ୍ୟୋତି ସମ୍ମାନ ପ୍ରଦାନ କରାଯିବ। ସେହିପରି ଆଇଏଏସ ପରୀକ୍ଷାର ଓଡ଼ିଶା ଟପ୍ପର ଅନ୍ୟା ଦାସଙ୍କୁ ରୁଚି ବିଦ୍ୟାସାଗର ସମ୍ମାନ, ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ହାସଲ କରିଥିବା ଶିବପ୍ରସାଦ ପାଣି, ଯୁକ୍ତ୨ ବିଜ୍ଞାନ ଟପ୍ପର ଭବାନୀ ଶଙ୍କର ପଟ୍ଟନାୟକ, ଯୁକ୍ତ୨ କଳା ଟପ୍ପର ଶିବାନୀ ପ୍ରିୟଦର୍ଶିନୀ ପତ୍ରୀ ଓ ଯୁକ୍ତ୨ ବାଣିଜ୍ୟ ଟପ୍ପର ଲକ୍ଷ୍ମୀ ଅଗ୍ରୱାଲଙ୍କୁ ରୁଚି ପ୍ରତିଭା ସମ୍ମାନରେ ସମ୍ମାନିତ କରାଯିବ। ଏଥିସହ ଗଣମାଧ୍ୟମ ସଂସ୍ଥା ଉଦୟ ଇଣ୍ଡିଆର ସମ୍ପାଦକ ଦୀପକ କୁମାର ରଥଙ୍କୁ ରୁଚି ଗୋପବନ୍ଧୁ ସାମ୍ବାଦିକ ସମ୍ମାନ, କ୍ରିକେଟ ତାରକା ରାଜେଶ ମହାନ୍ତିଙ୍କୁ ରୁଚି ବାରବାଟୀ କ୍ରୀଡା ସମ୍ମାନରେ ସମ୍ମାନିତ କରାଯିବ ବୋଲି ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ଆୟକର ବିଭାଗର ପୂର୍ବତନ ମହାନିର୍ଦ୍ଦେଶକ ବିଧୁ ଭୂଷଣ ମହାନ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଶରତ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନର ସମ୍ପାଦକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ରଶ୍ମି ସାହୁ, ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଗଡ଼ଗଡ଼ିଆ ମନ୍ଦିର ନିକଟରୁ ମୃତଦେହ ଜବତ

**କଟକ ଅଫିସ,୧୭।୭:** କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ଗଡ଼ଗଡ଼ିଆ ମନ୍ଦିର ନିକଟରୁ ବୁଧବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି ପୋଲିସ। ତାଙ୍କ ପରିଚୟ ମିଳି ନ ଥିବାବେଳେ ବୟସ ୫୦ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତେବେ ତାଙ୍କୁ ହତ୍ୟା କରାଯାଇଛି କିମ୍ବା କେଉଁ କାରଣରୁ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଯାଇଛି। ତେବେ ପରିଚୟ ପାଇବା ପାଇଁ ଆସନ୍ତା ୯୬ ଘଣ୍ଟା ପର୍ଯ୍ୟନ୍ତ ମୃତଦେହକୁ ମେଡିକାଲ ଶବଗୃହରେ ରଖାଯିବ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳ ବ୍ୟକ୍ତିଙ୍କ ଶବ ମନ୍ଦିର ପାଖରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଥାନାକୁ ଆଣିଥିଲା। ହେଲେ ତାଙ୍କ ପାଖରେ କୌଣସି ପରିଚୟପତ୍ର ନ ଥିବାରୁ ପୋଲିସ ତାଙ୍କର ପରିଚୟ ପାଇ ନ ଥିଲା। ବ୍ୟକ୍ତି ଜଣକ ମାନସିକ ବିକାରଗ୍ରସ୍ତ ଥିବାବେଳେ ଗତ ୩ ମାସ ହେବ ଉକ୍ତ ଅଞ୍ଚଳରେ ବୁଲୁଥିଲେ ବୋଲି ଥାନା ଅଧିକାରୀ ଇମାନ କଲ୍ୟାଣ ନାୟକ କହିଛନ୍ତି।

### ■ କଟକ ସହରରେ ହୃଦୟ ବିଦାରକ ଦୃଶ୍ୟ

# ମୃତ ଶିଶୁକୁ ଧରି ଗୋଟିଏ ଦିନ ବୁଲିଲେ ମା'

■ ଶିଶୁ ପାଟିକୁ ଦେଉଥିଲେ କ୍ଷୀର ବୋତଲ

■ ସାଙ୍ଗରେ ଥିଲେ ଆଉ ଦୁଇ ଝିଅ

କଟକ ଅଫିସ, ୧୭।୭

କଥାରେ ଅଛି ମା' କୋଳରୁ ଛୁଆକୁ ବାଘ ବି ଝାମ୍ପିନେବା ସହଜ ନୁହେଁ। ତା'ର ଏକ ପ୍ରମାଣ ବୁଧବାର କଟକ ସହରରେ ଦେଖିବାକୁ ମିଳିଛି। ମାନସିକ ବିକାରଗ୍ରସ୍ତ ଜଣେ ମା' କୋଳରେ ୩ ବର୍ଷର ମୃତ ଶିଶୁକନ୍ୟା। ସାଙ୍ଗରେ ଆଉ ୨ ଜଣ ୫ ବର୍ଷ ଓ ୭ ବର୍ଷର ନାବାଳିକା। ମଙ୍ଗଳବାର ଦିନତମାମ କୋଳରେ ମୃତଶିଶୁ ଓ ସାଙ୍ଗରେ ଅନ୍ୟ ୨ ନାବାଳିକାଙ୍କୁ ଧରି ଏହି ମା' ଜଣକ ବକ୍ସିବଜାର ଏବଂ ଏହାର ଆଖପାଖ ଅଞ୍ଚଳରେ ଘୂରି ବୁଲୁଥିଲେ। ମହିଳାଙ୍କ କୋଳରେ ଥିବା ଶିଶୁଟି ଯେ ମୃତ ତାହା ଲୋକେ ଜାଣିପାରୁ ନ ଥିଲେ। କାରଣ ମା' ଜଣକ ଟିକିଏ ଛାଡ଼ି ହାତରେ ଧରିଥିବା କ୍ଷୀରବୋତଲକୁ ଛୁଆ ପାଟିରେ ପୂରାଉଥାନ୍ତି। ଏହି ଦୃଶ୍ୟ ଦେଖିବା ପରେ ଲୋକେ ଭାବୁଥାନ୍ତି ଯେ ବୋଧ ହୁଏ ମା' ତା ଛୁଆକୁ କ୍ଷୀର ଖୁଆଉଛି। କିନ୍ତୁ ବକ୍ସିବଜାର ଛକର ଏକ ଜାଗାରେ ମହିଳା ଜଣକ ବୁଧବାର ସକାଳୁ ଦୀର୍ଘସମୟ ଧରି ବସି ରହିଥିଲେ। କୋଳରେ ଥିବା ଶିଶୁର ମୁଣ୍ଡ ଓହଳି ମାଟିରେ ଲାଗିବା ପରେ ଲୋକଙ୍କ ମନରେ ସନ୍ଦେହ ହୋଇଥିଲା। ଏହାପରେ ସ୍ଥାନୀୟ ଲୋକେ ନିରିଖେଇ ଦେଖିବା ପରେ ଶିଶୁଟି ମୃତ ବୋଲି ଜାଣିବାକୁ ପାଇଥିଲେ। ଲୋକେ ମହିଳାଙ୍କ ପାଖକୁ ଯିବାରୁ ସେ ସମସ୍ତଙ୍କୁ ମାରି ଗୋଡାଇଥିଲେ। ମୋ ଛୁଆ କାହାରିକି ଦେବିନି। ଯିଏ ଆସିବ ତାକୁ ମାରିଦେବି। ମୋ ଛୁଆ କାନ୍ଦି କାନ୍ଦି ଏବେ ଶୋଇଛି। ଦୁଇଦିନ ହେବ କିଛି ଖାଉନି। ଏବେ ମୁଁ ତାକୁ ଏହି ବୋତଲରେ କ୍ଷୀର ପିଆଇ ଦେବାରୁ ସେ ଶୋଇପଡ଼ିଛି। ଏହି କଥା କହି ମହିଳା ଜଣକ ଶିଶୁ ପାଟିରେ କ୍ଷୀର ବୋତଲକୁ ଜୋରଜବରଦସ୍ତ ଭର୍ତ୍ତି କରୁଥାନ୍ତି। କିନ୍ତୁ କ୍ଷୀର ଶିଶୁଙ୍କ ପାଟିକୁ ନ ଯାଇ ବୋହି ପଡୁଥାଏ। ମହିଳାଙ୍କ ଏଭଳି ଆଚରଣ ଦେଖି ଲୋକେ ଚାଇଲଡ୍ ଲାଇନକୁ ଫୋନ କରିଥିଲେ। ଚାଇଲଡ୍ ଲାଇନ ସଂଯୋଜକ ନାରାୟଣ ଶୁକ୍ଳ ଘଟଣାସ୍ଥଳରେ ପହଞ୍ଚି କ୍ୟାଣ୍ଟନମେଣ୍ଟ ଥାନା ପୋଲିସକୁ ଖବର ଦେଇଥିଲେ। ଚାଇଲଡ୍ ଲାଇନ କର୍ମକର୍ତ୍ତା ଓ ପୋଲିସ ମହିଳାଙ୍କୁ ସେଠାରୁ ଉଦ୍ଧାର କରି ଏସ୍‌ସିବି ମେଡିକାଲକୁ ଆଣିଥିଲେ। ମେଡିକାଲରେ ପହଞ୍ଚିବା ପର୍ଯ୍ୟନ୍ତ ମଧ୍ୟ ମହିଳା ଜଣକ ନିଜ କୋଳରୁ ମୃତ ଶିଶୁକୁ ଛାଡୁ ନ ଥାନ୍ତି। ଅନେକ ସମୟ ପରେ ମେଡିକାଲରେ ମହିଳାଙ୍କ କୋଳରୁ ମୃତଶିଶୁଙ୍କୁ ଅଲଗା କରାଯାଇଥିଲା। ତାଙ୍କ ସହିତ ଥିବା ଅନ୍ୟ ୨ ଜଣ ଶିଶୁଙ୍କୁ ବସୁନ୍ଧରା ମୁକ୍ତାଶ୍ରୟ କେନ୍ଦ୍ରକୁ ପଠାଯାଇଥିଲା। ଏହି ହୃଦୟ ବିଦାରକ ଦୃଶ୍ୟ ଦେଖିବା ପରେ ସରକାରଙ୍କ ସାମାଜିକ ସଶକ୍ତୀକରଣ ଅଭିଯାନ କେତେ ସଶକ୍ତ ତାହାର ପ୍ରମାଣ ମିଳୁଛି। ସାମାଜିକ ସ୍ତରରେ ଅସୁରକ୍ଷିତ ଥିବା ଲୋକଙ୍କ ପାଇଁ ପ୍ରତ୍ୟେକ ଜିଲାରେ ସାମାଜିକ ସୁରକ୍ଷା ବିଭାଗ ଖୋଲାଯାଇ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ମାତ୍ର ଏହି ବିଭାଗ କେତେ କ୍ରିୟାଶୀଳ ତାହା ସମ୍ପୃକ୍ତ ମହିଳାଙ୍କ କ୍ଷେତ୍ରରୁ ପ୍ରମାଣିତ ହୋଇଛି। ଚାଇଲଡ୍ ଲାଇନ ସଂଯୋଜକ ଶୁକ୍ଳଙ୍କ କହିବା ଅନୁଯାୟୀ, ମହିଳା ଜଣକ ହାଡିଆପଠା ଅଞ୍ଚଳରେ ରୁହନ୍ତି। ତାଙ୍କର ଉକ୍ତ ମୃତଶିଶୁଙ୍କୁ ମିଶାଇଲେ ମୋଟ ୪ଟି କନ୍ୟା ସନ୍ତାନ। ବଡ଼ ଝିଅ (୧୩)ଙ୍କୁ ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ଥଇଥାନ କରାଯାଇଛି। ଗିରିଶ ଏସ୍.ଏନ୍. ଜିଲାପାଳ ଥିବା ସମୟରେ ତାଙ୍କୁ ଉଦ୍ଧାର କରାଯାଇ ସ୍ୱଧାର ହୋମ୍‌କୁ ପଠାଯାଇଥିଲା। ମାତ୍ର ସେ ସେଠାରୁ ପଳାଇ ଆସିଥିଲେ। ତେବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ରଙ୍କୁ ଘଟଣା ସମ୍ପର୍କରେ ପଚାରିବା ପାଇଁ ତାଙ୍କ ମୋବାଇଲକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।



ମା' କୋଳରେ ମୃତ ଶିଶୁ।

## ୧୨ କେଜି ଗଞ୍ଜେଇ ଜବତ: ୩ ଗିରଫ

**କଟକ ଅଫିସ, ୧୭।୭:** କଟକ ଅବକାରୀ ବିଭାଗ ପକ୍ଷରୁ ବୁଧବାର ସହରର ଦୁଇଟି ସ୍ଥାନରେ ଚଢାଉ କରାଯାଇ ୧୧ କେଜି ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ନାରାୟଣ ପତି ଓ ବିହାରର ବିନୋଦ ଶାହା। ବିନୋଦ ବୁଧବାବର ଏକ ବ୍ୟାଗରେ ଗଞ୍ଜେଇ ନେଇ ଯାଉଥିବାବେଳେ ଚାଉଳିଗଞ୍ଜ ଥାନା ଶିଖରପୁର ଅଞ୍ଚଳରେ ଅବକାରୀ ବିଭାଗ ତାଙ୍କଠାରୁ ୧୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ସେହିପରି ନାରାୟଣ ସ୍କୁଟିରେ ଗଞ୍ଜେଇ ନେଇ ଯାଉଥିବାବେଳେ ଲିଙ୍କ୍‌ରୋଡ ଅଞ୍ଚଳରେ ତାଙ୍କଠାରୁ ୧ କେଜି ଗଞ୍ଜେଇ ସହ ସ୍କୁଟିକୁ ଜବତ କରାଯାଇଥିଲା।

ଗଞ୍ଜେଇ ବିକ୍ରି ଅଭିଯୋଗରେ କ୍ୟାଣ୍ଟନମେଣ୍ଟ ପୋଲିସ ବୁଧବାର ଲାଲବାଗ ଥାନା ଅଞ୍ଚଳର ଏସ୍.କେ. ମୁନୁଙ୍କୁ ଗିରଫ କରିଛି। ତାଙ୍କଠାରୁ ୧ କେଜି ଗଞ୍ଜେଇ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ମଙ୍ଗଳବାର ରାତିରେ ମୁନୁ ଗଞ୍ଜେଇ ନେଇ ଯାଉଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା।





କେନ୍ଦ୍ର ଓ ରାଜ୍ୟ ବଜେଟ ବିରୋଧରେ ସିପିଆଇ (ଏମ୍) ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।

## କଟକରେ ଡେଙ୍ଗୁ: ଜଣେ ଗୁରୁତର

**ଏସ୍‌ସିବିରେ ୬ ରୋଗୀ**

**କଟକ ଅଫିସ, ୧୭।୭:** କଟକରେ ଡେଙ୍ଗୁ ଉଗ୍ରରୂପ ନେବାରେ ଲାଗିଛି। ସରକାରୀ ତଥ୍ୟ ଅନୁଯାୟୀ, ଅଦ୍ୟାବଧି ସହରରେ ୧୦ରୁ ଅଧିକ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ତେବେ ଏସ୍‌ସିବି ମେଡିକାଲରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବି ମେଡିକାଲରେ ୬ ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅଛନ୍ତି। ତାଙ୍କ ଘର କଟକ ସହରରେ ବୋଲି ଜଣାପଡ଼ିଛି। ମଙ୍ଗଳବାର ପରୀକ୍ଷା କରାଯାଇଥିବା ମୋଟ୍ ୩୮ ଜଣଙ୍କ ରକ୍ତ ନମୁନାରୁ ୩ ଜଣଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରେ ଭଦ୍ରକର ୨ ଓ କଟକର ଜଣେ ରହିଛନ୍ତି। ଡେଙ୍ଗୁ ସମ୍ପର୍କରେ ସୂଚନା ଦେଇ ଏସ୍‌ସିବି ମେଡିକାଲ ମେଡିସିନ ବିଭାଗର ସହଯୋଗୀ ପ୍ରଫେସର ତଥା ଡେଙ୍ଗୁ ନୋଡାଲ ଅଫିସର ଶ୍ରୀପ୍ରସାଦ ମହାନ୍ତି କୁହନ୍ତି, ଏସ୍‌ସିବିରେ ୫୦ ବେଡ୍ ବିଶିଷ୍ଟ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ବର୍ଷା ଲାଗି ରହିଲେ ଏହି ରୋଗ ବୃଦ୍ଧି ପାଇବ। ତେଣୁ ଲୋକେ ସଚେତନ ରହିବା ଆବଶ୍ୟକ।

## ଜାଇକା କାମ ବେଳେ ଘର ଭାଙ୍ଗିଲା

**କଟକ ଅଫିସ,୧୭।୭:** ଜାଇକାକୁ ନେଇ ପୁଣି ଥରେ ବିବାଦ ଦେଖାଦେଇଛି। ଜାଇକା କାର୍ଯ୍ୟ ଚାଲିଥିବା ବେଳେ ଗୋଟିଏ ଘର ଓ ପାଚେରି ଭାଙ୍ଗି ଯାଇଥିବା କଟକ କଲ୍ୟାଣନଗର ଦୁଲାଦେବୀ ରୋଡ ଅଞ୍ଚଳର ନିରଞ୍ଜନ ପ୍ରଧାନ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କଲ୍ୟାଣନଗର ଦୁଲାଦେବୀ ରୋଡଠାରେ ଜାଇକା କାର୍ଯ୍ୟ ଚାଲିଥିବାବେଳେ ହଠାତ ବଡ ଶବ୍ଦ ଶୁଭିଲା। ଧାଇଁ ଆସି ଦେଖିବାରୁ ଘର ସହିତ ପାଚେରି ଭୁଶୁଡି ପଡିଥିଲା। ଏ ନେଇ ସେ ଜାଇକା ଅଧିକାରୀଙ୍କ ସହ ଯୋଗାଯୋଗ କରି ଏହା ବିରୋଧରେ ଅଭିଯୋଗ କରିଛନ୍ତି। ପ୍ରଧାନ କହିଛନ୍ତି, ଜାଇକା ଦୀର୍ଘବର୍ଷ ହେବ କାର୍ଯ୍ୟ କରୁଛି। କିନ୍ତୁ ଲୋକଙ୍କ ସୁରକ୍ଷା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବୁଧବାର ଆମ ଘର ଭାଙ୍ଗିଯାଇଛି। ହେଲେ ସୌଭାଗ୍ୟବଶତଃ ସେହି ସମୟରେ କେହି ଘରେ ନ ଥିଲେ। ଅନ୍ୟପକ୍ଷରେ ଜାଇକା ପ୍ରୋଜେକ୍ଟ ଡାଇରେକ୍ଟର ବସନ୍ତ କୁମାର ପରିଡା କହିଛନ୍ତି, ଜାଇକା କାର୍ଯ୍ୟ ଚାଲିବା ସମୟରେ ଘର ଭାଙ୍ଗି କି ଥିଲା। ଆମେ ଏ ସମ୍ପର୍କରେ ଘର ମାଲିକଙ୍କ ସହ କଥା ହୋଇଥିଲୁ। ଏପରି କି ନୂତନ ଘର ତିଆରି କରିବା ପାଇଁ ଆମେ ପ୍ରତିଶ୍ରୁତି ଦେଇଛୁ। ତେବେ ଜାଇକା କାର୍ଯ୍ୟ ଚାଲିଥିବା ସମୟରେ ଘର ଭାଙ୍ଗିନି ବୋଲି ସେ ସଫେଇ ଦେଇଥିଲେ।





ଭାଙ୍ଗିପଡ଼ିଥିବା ଘର ଓ ପାଚେରି।

# ବିଡିଓଙ୍କୁ ଅର୍ଥଦଣ୍ଡ ନିର୍ଦ୍ଦେଶ

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅବହେଳା**

କଟକ ଅଫିସ,୧୭।୭

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଅଞ୍ଚଳର ସହଦେବ ସେଠୀ ନାମକ ଜଣେ ବ୍ୟକ୍ତି ନିଜର ଚାଳଘର ଛପର କରିପାରି ନ ଥିଲେ। ଏହାପରେ ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିଜକୁ ଅନ୍ତର୍ଭୁକ୍ତ କରିବା ପାଇଁ ମହାକାଳପଡ଼ା ବ୍ଲକରେ ଦରଖାସ୍ତ ଜରିଆରେ ଆବେଦନ କରିଥିଲେ। କିନ୍ତୁ ବ୍ଲକ କର୍ତ୍ତୃପକ୍ଷ କୌଣସି ଅନୁସନ୍ଧାନ ନ କରି ତାଙ୍କ ଦରଖାସ୍ତକୁ ଅଗ୍ରାହ୍ୟ କରିଦେଇଥିଲେ। ଏହାପରେ ସହଦେବ ସ୍ଥାୟୀ ଲୋକ ଅଦାଲତ (ଜନୋପଯୋଗୀ ସେବା) ନିକଟରେ ଦରଖାସ୍ତ କରିଥିଲେ। ଅଦାଲତର ବାରମ୍ବାର ନୋଟିସ ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାପାଳ ଅଥବା ମହାକାଳପଡ଼ା ବିଡିଓ ଅଦାଲତଙ୍କ ନିକଟରେ ହାଜର ହୋଇ ନ ଥିଲେ। ଅନ୍ୟପକ୍ଷରେ ବିଡିଓ ନିଜ ଜବାବ ଦାଖଲରେ ଟାଳଟୁଳ ନୀତି ଅବଲମ୍ବନ କରି ସମୟ ଗଡ଼ାଇ ଚାଲିଥିଲେ। ଶେଷରେ ଏହି ମାମଲାର ବିଚାର କରି ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ପ୍ରେମରାଜ ବହିଦାର, ସଦସ୍ୟ ତପନ କୁମାର ମଣ୍ଡଳ ଓ ପ୍ରଦୀପ କୁମାର ପଟ୍ଟନାୟକ ଆବେଦନକାରୀଙ୍କୁ ୧ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ବାସଗୃହ ଯୋଗାଇଦେବା ପାଇଁ ମହାକାଳପଡ଼ା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ବିଚାରରେ ବିଡିଓଙ୍କ ଟାଳଟୁଳ ନୀତି, ଦାୟିତ୍ୱହୀନ କାର୍ଯ୍ୟ ତଥା ଆବେଦନକାରୀଙ୍କୁ ବାରମ୍ବାର ଦୌଡାଇ ହଇରାଣ କରିଥିବା ନେଇ ଅସନ୍ତୋଷ ପ୍ରକାଶ କରି ୫୦୦୦ ଟଙ୍କା ଅର୍ଥଦଣ୍ଡରେ ବିଡିଓଙ୍କୁ ଦଣ୍ଡିତ କରାଯାଇଛି। ଏଥିସହିତ ଆବେଦନକାରୀ ଜଣେ କୁଷ୍ଠରୋଗୀ ହୋଇଥିବାରୁ ତାଙ୍କୁ ବିକଳାଙ୍ଗ ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରି ପଡ଼ିକାର୍ଡ ଯଥାଶୀଘ୍ର ଯୋଗାଇଦେବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

## ବାଇକ ଜବତ: ୩ ଗିରଫ

**କଟକ ଅଫିସ,୧୭।୭:** ବାଇକ ଚୋରି ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ବୁଧବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ବାଲିସାହି ଅଞ୍ଚଳର ରମାକାନ୍ତ ରେଡ୍ଡି, ଖପୁରୀଆ ଅଞ୍ଚଳର ବଟକୃଷ୍ଣ କର ଓ କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଅଞ୍ଚଳର ରାକେଶ ପ୍ରଧାନ। ପୋଲିସ ସେମାନଙ୍କ ଠାରୁ ଏକ ବାଇକ(ଓଆର୦୫ଏକେ-୯୩୧୪) ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ପୋତାପୋଖରୀ ଅଞ୍ଚଳରେ ରହୁଥିବା ଅଜିତ୍ କେଶରୀ ପ୍ରଧାନଙ୍କ ଏକ ବାଇକ ତାଙ୍କ ଘରୁ ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୧୩ /୧୯) ରୁଜୁ କରିଥିଲା।

## ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ





**କଟକ ଅଫିସ, ୧୭।୭:** ଏସ୍‌ସିବି ମେଡିକାଲ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଓଡିଶା ମେଡ଼ିକାଲ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ବିଭିନ୍ନ ଦାବି ପୂରଣ ପାଇଁ ଗତ ୯ ତାରିଖରେ ପ୍ରଶାସନିକ ଅଧିକାରୀଙ୍କୁ ଚିଠି ଦିଆଯାଇଥିଲା। ଇତିମଧ୍ୟରେ ୯ ଦିନ ବିତିଯାଇଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ୩ ବର୍ଷ ହେଲା ୧୮୧ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କରାଯିବାକୁ ଜିଲାପାଳଙ୍କ ନିକଟକୁ ପଠାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା ସରିନାହିଁ। ୧୫ ଦିନ ମଧ୍ୟରେ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସରକାର ଏସ୍‌ସିବି ମେଡିକାଲ ପାଇଁ ୨୯୪ ଆଟେଣ୍ଡାଣ୍ଟ ଓ ଝାଡୁଦାର ପଦବୀ ପୂରଣ ମଞ୍ଜୁରି ପ୍ରଦାନ କରିଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ତାହା ପୂରଣ ହୋଇପାରିନାହିଁ। ଡ୍ରେସରମାନଙ୍କର ନିଯୁକ୍ତି ପାଇଁ ମଧ୍ୟ ସଂଘ ପକ୍ଷରୁ ଦାବି କରାଯାଇଛି। ଯଦି ଏହି ସବୁ ଦାବି ଖୁବ୍‌ଶୀଘ୍ର ପୂରଣ କରା ନ ଯାଏ ତେବେ ଆସନ୍ତା ୧୮ ତାରିଖରୁ କେବଳ ନିଜ କାର୍ଯ୍ୟ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାସତ୍ତ୍ୱେ ସରକାରଙ୍କ ଚେତା ନ ପଶିଲେ ଆଗାମୀ ଦିନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ■ ଇଣ୍ଟରନେଟ୍, ସୋସିଆଲ ମିଡିଆ, ୟୁପିଆଇ ଆଇଡିକୁ ନେଇ ଠକେଇ

# ସଚେତନମୂଳକ ପରାମର୍ଶ ଜାରି କଲା କ୍ରାଇମବ୍ରାଞ୍ଚ

କଟକ ଅଫିସ, ୧୭।୭

ରାଜ୍ୟରେ ଦିନକୁ ଦିନ ଅନ୍‌ଲାଇନ ଠକେଇ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଅନ୍‌ଲାଇନ ବ୍ୟାଙ୍କିଙ୍ଗ, ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍), ଟଙ୍କା ଦେଣନେଣ ହେଉଥିବା ଅନ୍‌ଲାଇନ ଆପ୍ ଜରିଆରେ ଲୋକମାନେ ଠକାମିର ଶିକାର ହେଉଛନ୍ତି। କେତେକ କ୍ଷେତ୍ରରେ ସୋସିଆଲ ମିଡିଆରେ ଅଚିହ୍ନା ବ୍ୟକ୍ତିମାନେ ସମ୍ପର୍କ ସ୍ଥାପନ କରି ଲୋକମାନଙ୍କଠାରୁ ଠକେଇ କରୁଛନ୍ତି। ନିକଟ ଅତୀତରେ ଏଭଳି କିଛି ଠକେଇ ନଜରକୁ ଆସିବା ପରେ ବୁଧବାର କ୍ରାଇମବ୍ରାଞ୍ଚ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସଚେତନ ମୂଳକ ପରାମର୍ଶ ଜାରି କରାଯାଇଛି।

ୟୁପିଆଇ ଆଇଡିର ମୋବାଇଲ ନମ୍ବର, ୱାନ ଟାଇମ୍ ପାସ୍‌ୱାର୍ଡ(ଓଟିପି) ସହାୟତାରେ ଦଲାଲ ତଥା ହ୍ୟାକର୍‌ମାନେ ଉପଭୋକ୍ତାଙ୍କୁ ଠକେଇ କରୁଛନ୍ତି। ହ୍ୟାକର୍‌ମାନେ ଉପଭୋକ୍ତାଙ୍କୁ ଏସ୍‌ଏମ୍‌ଏସ୍ ପଠାଇଥାନ୍ତି। ଏହି ଏସ୍‌ଏମ୍‌ଏସ୍‌କୁ ସେମାନେ ଦେଇଥିବା ଏକ ନମ୍ବରକୁ ପଠାଇବା ପାଇଁ ମେସେଜ ମାଧ୍ୟମରେ ଜଣାଇଥାନ୍ତି। ଉପଭୋକ୍ତାମାନେ ଉକ୍ତ ଏସ୍‌ଏମ୍‌ଏସ୍‌କୁ ସେହି ନମ୍ବରକୁ ପଠାଇବା ପରେ ହ୍ୟାକର୍‌ମାନେ ତାଙ୍କ ମୋବାଇଲ ନମ୍ବର, ଟ୍ରାଞ୍ଜାକଶନ ଆଇଡି ଆଦି ସମ୍ପର୍କରେ ସୂଚନା ପାଇ ଠକେଇ କରୁଛନ୍ତି। ଏପରିସ୍ଥଳେ ବ୍ୟାଙ୍କ ପାସ୍‌ୱାର୍ଡ କାହାକୁ ନ କହିବା ସହ ଏହାକୁ ନିଜ ମୋବାଇଲରେ ରଖିବା ପାଇଁ ମନା କରାଯାଇଛି। ସେହିପରି ୟୁପିଆଇ ପିନ୍, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ, ସିସିଭି, ଏକ୍ସପାଏରି ଡେଟ୍, ଓଟିପି, ଏଟିଏମ୍ ପିନ୍ ଏବଂ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧରେ କୌଣସି ସୂଚନା କାହାକୁ ନ ଦେବା ପାଇଁ କୁହାଯାଇଛି। ଅନ୍‌ଲାଇନ ପେମେଣ୍ଟ ଆପ୍ ବ୍ୟବହାର ଅବା ଡାଉନଲୋଡ୍ କରିବା ପାଇଁ କୌଣସି ଅଜଣା ବ୍ୟକ୍ତିଙ୍କ ପରାମର୍ଶ ନେବାକୁ ମନା କରାଯାଇଛି। ଅଜଣା ନମ୍ବରରୁ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧରେ ଆସୁଥିବା ମେସେଜ୍‌ଗୁଡ଼ିକୁ ଅଣଦେଖା କରିବା, ପେମେଣ୍ଟ ଆପ୍‌ଗୁଡ଼ିକୁ ମୋବାଇଲରେ ଆପ୍ ଲକ୍ କରି ରଖିବା ଓ ଅଜଣା ନମ୍ବରରୁ ଆସୁଥିବା ଫୋନକଲ୍‌କୁ ଅଣଦେଖା କରିବାକୁ କୁହାଯାଇଛି। ସବୁ ପରେ ଯଦି କୌଣସି ଅସୁବିଧା ଦେଖାଯାଉଛି ତେବେ ସଙ୍ଗେ ସଙ୍ଗେ ନିକଟସ୍ଥ ବ୍ୟାଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

ଏଟିଏମ୍ କାଉଣ୍ଟର ଭିତରେ ଟଙ୍କା ଉଠାଣ ବେଳେ ଅଜଣା ବ୍ୟକ୍ତିଙ୍କ ଚଳପ୍ରଚଳ ଉପରେ ନଜର ରଖିବା ସହିତ ସେଠାରେ ଜାମର ଲାଗିଛି କି ନାହିଁ ଲକ୍ଷ୍ୟ କରିବାକୁ ଅନୁରୋଧ କରାଯାଇଛି। କାହାରିକୁ ନିଜର ବ୍ୟାଙ୍କ, ଇନ୍‌କମ ଟ୍ୟାକ୍ସ, ଇନ୍‌ସ୍ୟୁରାନ୍ସ ଆକାଉଣ୍ଟର ତଥ୍ୟ ଫୋନ, ମେସେଜ୍ ଏବଂ ଇ-ମେଲ୍ ମାଧ୍ୟମରେ ନ ଦେବା ଉଚିତ୍। ଏଟିଏମ୍ କାର୍ଡ ହଜିଗଲେ ତାହାକୁ ତୁରନ୍ତ ବ୍ଲକ କରିବା ସହ ଏ ନେଇ ବ୍ୟାଙ୍କକୁ ଜଣାଇବାକୁ କୁହାଯାଇଛି।

ସେହିପରି ସୋସିଆଲ ମିଡିଆ ବ୍ୟବହାର କରିବା ଉପରେ ସତର୍କନାମା ଜାରି କରାଯାଇଛି। ସୋସିଆଲ ମିଡିଆ ବ୍ୟବହାର କରିବା ପୂର୍ବରୁ ୱେବସାଇଟ୍‌ର ପ୍ରାଇଭେସି ପଲିସ ଏବଂ ଥାର୍ଡ ପାର୍ଟି ଆପ୍ଲିକେଶନ ଉପରେ ଧ୍ୟାନ ଦେବାକୁ ହେବ। ସୋସିଆଲ ମିଡିଆ ମାଧ୍ୟମରେ ଅତ୍ୟନ୍ତ ଗୋପନୀୟ ତଥ୍ୟ ନ ଦେବା ଓ କୌଣସି ଅଜଣା ପୁରୁଷ ଏବଂ ମହିଳାଙ୍କ ସହ ସମ୍ପର୍କ ନ ବଢାଇବା ଉଚିତ୍। ଗୋଟିଏ ନାମରେ ଅଧିକ ଆକାଉଣ୍ଟ ନ ଖୋଲିବାକୁ ପରାମର୍ଶ ଦିଆଯାଇଛି। ମାଗଣା ୱାଇଫାଇରେ ସୋସିଆଲ ମିଡିଆ ଏବଂ ଅନ୍‌ଲାଇନ ଟଙ୍କା ଦେଣନେଣ ନ କରିବାକୁ ପରାମର୍ଶ ଦିଆଯାଇଛି।

ଛୋଟ ପିଲାମାନଙ୍କ ଇଣ୍ଟରନେଟ୍‌ର ବ୍ୟବହାର ଉପରେ ଧ୍ୟାନଦେବାକୁ ସେମାନଙ୍କ ପରିବାର ଲୋକଙ୍କୁ କୁହାଯାଇଛି। କମ୍ପ୍ୟୁଟରକୁ ସମସ୍ତେ ଚଳପ୍ରଚଳ କରୁଥିବା ସ୍ଥାନରେ ରଖିବାକୁ କୁହାଯାଇଛି। କମ୍ପ୍ୟୁଟର ତଥା ମୋବାଇଲରେ ପ୍ୟାରେଣ୍ଟାଲ କଣ୍ଟ୍ରୋଲ ସଫ୍ଟୱେର ଡାଉନଲୋଡ କରିବା ସହ ତାହାଦ୍ୱାରା ଅଶ୍ଳୀଳ ୱେବସାଇଟ୍‌ଗୁଡ଼ିକୁ ବନ୍ଦ କରିବାକୁ ପରାମର୍ଶ ଦିଆଯାଇଛି। ନିୟମିତ ଭାବରେ କମ୍ପ୍ୟୁଟର ଓ ମୋବାଇଲରେ ସଫ୍ଟୱେର, ଆଣ୍ଟି ଭାଇରସକୁ ଅପ୍‌ଡେଟ୍ କରିବାକୁ କୁହାଯାଇଛି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
-କନ୍‌ଫୁସିଅସ୍



## ସଂକ୍ଷେପରେ

### ବ୍ୟାଟେରି ଚୋରି ଅଭିଯୋଗରେ ୩ ଗିରଫ

**କଟକ ରୋଡ,୧୭।୭(ଡି.ଏନ୍.ଏ.):** ଏକ ଅଟୋର ବ୍ୟାଟେରି ଚୋରି କରୁଥିବା ଅଭିଯୋଗରେ ଲକ୍ଷ୍ମୀସାଗର ପୋଲିସ ବୁଧବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଚିନ୍ତାମଣିଶ୍ୱର ଶବର ସାହିରେ ରହୁଥିବା ସୋନୁ ଖାନ, ଗଙ୍ଗାଧର ପ୍ରଧାନ ଓ ପୁରୁଣା ଷ୍ଟେଶନ ବଜାର ଅଞ୍ଚଳର ସୂର୍ଯ୍ୟକାନ୍ତ ସ୍ୱାଇଁ। ପୋଲିସ ଚୋରି ବ୍ୟାଟେରି ଜବତ କରିଛି। ସୂଚନା ଅନୁଯାୟୀ, ଗତ ୧୪ତାରିଖ ଅପରାହ୍ନରେ ଶବର ସାହି ଅଞ୍ଚଳରେ ରହୁଥିବା ସଞ୍ଜୀବ ଶେଖର ରାଉତଙ୍କ ଅଟୋରୁ ଅଭିଯୁକ୍ତମାନେ ବ୍ୟାଟେରି ଚୋରି କରୁଥିବା ବେଳେ ଧରାପଡ଼ିଥିଲେ। ଏ ନେଇ ଥାନାରେ ମାମଲା(ନଂ.୧୯୧/୧୯)ରୁଜୁ ହୋଇଛି।

### ଭାଜପା ପକ୍ଷରୁ ତହସିଲ ଅଫିସ ଘେରାଉ

**ବାଲିପାଟଣା,୧୭।୭(ଡି.ଏନ୍.ଏ.):** ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ ଓ ତାଲିକା ସାର୍ବଜନୀନ କରିବା ଦାବିରେ ବୁଧବାର ଭାଜପା ପକ୍ଷରୁ ସ୍ଥାନୀୟ ତହସିଲ ଅଫିସକୁ ଘେରାଉ କରାଯାଇଥିଲା। ଭାଜପା ରାଜ୍ୟ ଅନୁସୂଚିତ ଜାତି ଉପସଭାପତି ନରେନ୍ଦ୍ର ନାଥ ନାୟକଙ୍କ ନେତୃତ୍ୱରେ ଶତାଧିକ ଲୋକ ଏକ ଶୋଭାଯାତ୍ରାରେ କଲେଜ ଛକଠାରୁ ବାହାରି ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଏହା ପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଦିଲୀପ ସ୍ୱାଇଁ କହିଥିଲେ, ହିତାଧିକାରୀଙ୍କ ତାଲିକା ସାର୍ବଜନୀନ କରାଯାଇଥିବା ବେଳେ ଏଥିରେ ଅନିୟମିତତା ହୋଇଛି। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ତହସିଲଦାର ପ୍ରାଚୀ ମହାପାତ୍ରଙ୍କୁ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିଜୟରାମ ସ୍ୱାଇଁ, ସନ୍ତୋଷ ସାହୁ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ତହସିଲଦାର ମହାପାତ୍ର କୁହନ୍ତି, ଯୋଗ୍ୟ ହିତାଧିକାରୀ ଅଭିଯୋଗ କଲେ ବିଚାର କରାଯିବ ବୋଲି କହିଥିଲେ।

### ୭୫ କେଜି ପଲିଥିନ ଜବତ, ୧୫ ମାମଲା ରୁଜୁ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** ବିଏମ୍‌ସି ପକ୍ଷରୁ ମଙ୍ଗଳବାର ଓ ବୁଧବାର ୭୫ କେଜି ପଲିଥିନ ଜବତ କରିଛି ଟିମ୍। ଜବତ ପଲିଥିନ ବ୍ୟବହାରକାରୀଙ୍କଠାରୁ ୨୧ ହଜାର ୩୦୦ ଟଙ୍କାର ଜରିମାନ ବି ଆଦାୟ କରାଯିବା ସହ ୧୫ଟି ମାମଲା ରୁଜୁ ହୋଇଛି। ବୁଧବାର, ଶୁକ୍ରବାରରେ ଆମିଷ ବଜାରରେ ଚଢ଼ାଉକୁ ଜୋରଦାର କରାଯାଉଛି ବୋଲି ଦେଖିବାକୁ ମିଳିଛି। ପ୍ଲାଷ୍ଟିକ୍ ଓ ପଲିଥିନ୍ ଜବତ କରିବାକୁ ଭୁବନେଶ୍ୱର ମହାନଗର ନିଗମର ଜୋନାଲ୍ ଡେପୁଟି କମିଶନରମାନଙ୍କ ଅଧୀନରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠିତ ହେବା ପରେ ଚଢ଼ାଉକୁ ଜୋରଦାର କରାଯାଇଛି।

### ବୁଲେଟକୁ ଧକ୍କାଦେଇ କ୍ୟାବିନ୍ ଭାଙ୍ଗିଲା କାର

**ପୁରୁଣା ଭୁବନେଶ୍ୱର, ୧୭।୭ (ଡି.ଏନ.ଏ.):** ମଙ୍ଗଳବାର ବିଳମ୍ବିତ ରାତିରେ ସିରିଜ ଦୁର୍ଘଟଣାରେ ୨ଜଣ ଗୁରୁତର ଆହତ ହୋଇଥିବା ବେଳେ ୨ଟି କ୍ୟାବିନ୍ ଉପରକୁ ଏକ କାର ମାଡିଯିବାରୁ ଭାଙ୍ଗିରୁଜି ଯାଇଥିଲା। ପୋଲିସ ସୂଚନା ମୁତାବକ, କଳ୍ପନା ପଟ୍ଟୁ ସାମନ୍ତରାପୁର ଆଡକୁ ଏକ କାର (ନଂ. ଓଡି୦୬ଡି୬୦୬୨) ଦ୍ରୁତଗତିରେ ଆସୁଥିଲା। ହଠାତ୍ କାରଟି ସାମନ୍ତରାପୁରଠାରେ ଭାରସାମ୍ୟ ହରାଇ ସମ୍ମୁଖରେ ଯାଉଥିବା ଏକ ବୁଲେଟକୁ ଧକ୍କା ଦେଇଥିଲା। ଏଥିରେ ଯାଉଥିବା ଚାଳକ ସୂର୍ଯ୍ୟକାନ୍ତ ମଙ୍ଗରାଜ ଓ ତାଙ୍କ ସାଙ୍ଗ ରାସ୍ତା କଡକୁ ଛିଟିକି ପଡିଥିଲେ। ଏଥିରେ ତାଙ୍କର ଗୋଡ ଭାଙ୍ଗି ଯାଇଥିଲା। ଆମ୍ବୁଲାନ୍ସ ପହଞ୍ଚି ଆହତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲା। ଲିଙ୍ଗରାଜ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିଟିକୁ ଜବତ କରିଛି। ଏ ନେଇ ଥାନାରେ ନଂ. ୧୧୪/୧୯ରେ ମାମଲା ରୁଜୁ ହୋଇଛି।

### ବିନ୍ଦୁସାଗର କୂଳରେ ଚାରାରୋପଣ

**ପୁରୁଣା ଭୁବନେଶ୍ୱର, ୧୭।୭ (ଡି.ଏନ.ଏ.):** ବିନ୍ଦୁସାଗର କୂଳରେ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟମାନେ ବିଭିନ୍ନ ଔଷଧୀୟ ଚାରା ରୋପଣ କରିଥିଲେ। ଏଥିରେ ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ, ସ୍ୱପ୍ନାରାଣୀ ସାମଲ, ଜଗତ ଚନ୍ଦ୍ର ଦାଶ, ସୁମିତ୍ର ପାଣି, ହିମାଂଶୁ ହୋତା, ଗୋପାଳ ମକଦ୍ଦମ, ସଞ୍ଜୁଲତା ପଟ୍ଟନାୟକ ସାମିଲ ଥିଲେ।

■ବ୍ରାଉନସୁଗାର ବ୍ୟବସାୟ ବନ୍ଦ ପାଇଁ ଦାବି

# ରାତିରେ ଆଦର୍ଶ ଥାନା ଘେରିଲେ ମହିଳା

■ ପ୍ରତିବାଦ କଲେ ମିଳୁଛି ଧମକ
■ ସୁରକ୍ଷା ଯୋଗାଇବାକୁ ନିବେଦନ

**ଖୋର୍ଦ୍ଧା ଅଫିସ, ୧୭।୭**

ବ୍ରାଉନସୁଗାର କାରବାର ବନ୍ଦ ଓ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଯୋଗାଇବା ଦାବିରେ ଖୋର୍ଦ୍ଧା ଆଦର୍ଶ ଥାନାକୁ ସହରର ୬ ନଂ. ୱାର୍ଡ ସ୍ୱପ୍ନେଶ୍ୱରସାହିର ମହିଳାମାନେ ବୁଧବାର ସନ୍ଧ୍ୟାରେ ଘେରାଉ କରିଥିଲେ। ବ୍ରାଉନସୁଗାର କାରବାର ବନ୍ଦ ନ ହେବାରୁ ବଞ୍ଚିବା ଦୁର୍ବିଷହ ହୋଇ ପଡିଲାଣି ବୋଲି ମହିଳାମାନେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ କେତେଜଣ ସେବନକାରୀ ବ୍ରାଉନସୁଗାର କିଣିବାକୁ ସ୍ୱପ୍ନେଶ୍ୱରସାହିର ବିଭିନ୍ନ ଲୋକଙ୍କ ଘରର କବାଟ ଦିନର ବିଭିନ୍ନ ସମୟରେ ପିଟୁଛନ୍ତି। ବ୍ରାଉନସୁଗାର ବିକ୍ରି କରା ନ ଯିବା ଶୁଣିବା ପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। କିଛି କଥା କହିଲେ ବୋମା ପକାଇଦେବୁ, ଗୁଳି କରିଦେବୁ, ଘରେ ନିଆଁ ଲଗାଇ ଦେବୁ, ହତ୍ୟା କରି ଫୋପାଡି ଦେବେ ବୋଲି ଧମକ ଦେଉଛନ୍ତି। ବ୍ରାଉନସୁଗାର




ଥାନା ଆଗରେ ଧାରଣାରତ ମହିଳାମାନେ।

କାରବାର ବନ୍ଦ ନେଇ ପ୍ରତିବାଦ କଲେ ବ୍ୟବସାୟୀମାନେ ମଧ୍ୟ ଜୀବନରେ ମାରି ଦେବା ପରି ବିଭିନ୍ନ ପ୍ରକାରର ଧମକଚମକ ଦେଉଛନ୍ତି। ବ୍ରାଉନସୁଗାର ବ୍ୟବସାୟୀ ଓ ସେବନକାରୀଙ୍କ ଧମକରେ ମହିଳାମାନେ ଉତ୍ତେଜିତ ଓ ଅସନ୍ତୋଷ ବ୍ୟକ୍ତ କରି ବୁଧବାର ସନ୍ଧ୍ୟାରୁ ପ୍ରାୟ ୨ ଘଣ୍ଟା ଆଦର୍ଶ ଥାନା ଘେରିଥିଲେ। ଏ ନେଇ ସ୍ଥାନୀୟ ବାସିନ୍ଦା ପଦ୍ମ ଖଟୁଆଳ କୁହନ୍ତି, ଘରେ ଘରେ ବ୍ରାଉନସୁଗାର ବିକ୍ରି ହେଉଛି। ଆଗ ଅପେକ୍ଷା ଏବେ ବ୍ୟବସାୟ ବଢ଼ିଛି। ବିଭିନ୍ନ ଅଞ୍ଚଳର ଲୋକମାନେ ବ୍ରାଉନସୁଗାର କିଣିବାକୁ ଆସି ବିଭିନ୍ନ ଲୋକଙ୍କ ଘରେ ପଶି ଅଶ୍ଳୀଳ ଗାଳିଗୁଲଜ କରୁଛନ୍ତି। ଝିଅ ବୋହୂମାନେ ଏବେ ଭୟରେ କାଳ କାଟୁଛନ୍ତି। ରଜନୀ ବାରିକ କୁହନ୍ତି, ରାତି ଅଧରେ କବାଟ ପିଟୁଛନ୍ତି। କବାଟ ଖୋଲିଲେ ବ୍ରାଉନସୁଗାର ମାଗୁଛନ୍ତି, ନ ଦେଲେ ଗଣ୍ଡଗୋଳ, ମାରପିଟ୍ କରୁଛନ୍ତି। ମମତା ରାଓ କୁହନ୍ତି, ପୂର୍ବରୁ ମଦ, ଗଞ୍ଜେଇ ବିକ୍ରି ହେଉଥିଲା। ଏବେ ବ୍ରାଉନସୁଗାର ନିଦ ହଜାଇ ଦେଇଛି। ଏହି ନିଶା କବଳରେ ଛୋଟ ପିଲାମାନେ ପଡିଲେଣି। ବାପା ମା' ମାନେ ପୁଅ ବ୍ରାଉନସୁଗାର ଖାଉଥିବାର ଜାଣି ପାରୁନାହାନ୍ତି। ଏହି ନିଶା ଏବେ ପରିବାର ଉଜାଡିଲାଣି। ଏହାକୁ ତୁରନ୍ତ ବନ୍ଦ କରିବା ଦରକାର। କମଳିନୀ ଖଟୁଆ କୁହନ୍ତି, ବ୍ରାଉନସୁଗାର କାରବାର ବନ୍ଦ ନ ହେଲେ ସାହିରେ ଆଉ ଶାନ୍ତି ଫେରିବନି। ଛୋଟ ଛୋଟ କଥାରେ ମାରପିଟ୍ ଗଣ୍ଡଗୋଳ ଘଟିବ। କେତେବେଳେ ଯେ କ'ଣ ଅଘଟଣ ଘଟିବ କହି ପାରିବେ ନାହିଁ। କାରଣ ବିଭିନ୍ନ ପ୍ରକାରର ଧମକ ଚମକ ଯୋଗୁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ରହିଛନ୍ତି।

## ଖବରଦାତାଙ୍କ ଉପରକୁ ହାତ ଉଠାଇ ଅଡୁଆରେ ଏସ୍‌ପି



**ଭୁବନେଶ୍ୱର, ୧୭।୭ (ବ୍ୟୁରୋ)**

### ଏନ୍‌ଏଚ୍ଆରସିରେ ଅଭିଯୋଗ

ପାଟକୁରା ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ରାପଡା ଜିଲ୍ଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଖବର ସଂଗ୍ରହ ପାଇଁ ପୂର୍ବାହ୍ନ ୧୦ଟା ସମୟରେ ବାରିମୂଳ ହେଲିପ୍ୟାଡ଼ରେ ଖବରଦାତାଙ୍କ ଭିଡ ଲାଗିଥିଲା। ଖବରଦାତା ଅଜେଶ ମଲ୍ଲିକ କ୍ୟାମେରାରେ ଫଟୋ ଉଠାଉଥିବା ସମୟରେ ଏସ୍‌ପି ନୀତିଶେଖର ଏହାକୁ ବାରଣ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ଏସ୍‌ପି ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିବା ପାଇଁ ହାତ ଉଠାଇଥିଲେ। ଉକ୍ତ ଘଟଣାକୁ ଜିଲାର ଦୁଇ ଖବରଦାତା ସଂଘ ସହ ବିଭିନ୍ନ ମହଲରେ କଡା ସମାଲୋଚନା କରାଯାଇଛି। ଖବର ସଂଗ୍ରହ ବେଳେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଏସ୍‌ପି ହାତ ଉଠାଇବାକୁ କିପରି ସାହସ କଲେ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ତଦନ୍ତ କରାଯାଇ ତୁରନ୍ତ ଏସ୍‌ପିଙ୍କ ବଦଳି ଦାବି କରିଛନ୍ତି। ଏ ନେଇ ଜାତୀୟ ମାନବାଧିକାର କମିଶନଙ୍କ (ଏନ୍‌ଏଚ୍ଆର୍‌ସି) ନିକଟରେ ଖବରଦାତା ଅଜେଶ ଅଭିଯୋଗ କରିଛନ୍ତି। ସେହିପରି କାର୍ଯ୍ୟରତ ସାମ୍ବାଦିକଙ୍କୁ ଗାଳିଗୁଲଜ କରିବା ସହ ହାତ ଉଠାଇବା ଘଟଣାରେ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ତଦନ୍ତ ନିର୍ଦ୍ଦେଶ ଦେବାକୁ ମଧ୍ୟ ବିଭିନ୍ନ ସାମ୍ବାଦିକ ମହଲରୁ ଦାବି ହୋଇଛି।

## ଫନୀ କ୍ଷତିପୂରଣ ଦାବିରେ ବିଡିଓଙ୍କୁ ଦାବିପତ୍ର




ବିଡିଓଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଏସୟୁସିଆଇ (ସି)ର ସଦସ୍ୟମାନେ।

**ବାରଙ୍ଗ/ନରାଜ,୧୭।୭(ଡି.ଏନ୍.ଏ.)**

ଏସୟୁସିଆଇ(ସି) ବାରଙ୍ଗ ଆଞ୍ଚଳିକ କମିଟି ପକ୍ଷରୁ ବାରଙ୍ଗ ବିଡିଓଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାତଦଫା ସମ୍ବଳିତ ଏହି ଦାବିପତ୍ରରେ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବାରଙ୍ଗ ବ୍ଲକବାସୀ ଆବଶ୍ୟକତା ସରକାରୀ ସାହାଯ୍ୟ ପାଇବାରୁ ବଞ୍ଚିତ ହୋଇଥିବାର ଦର୍ଶାଯାଇଛି। ବାତ୍ୟା ଯିବାର ୨ମାସ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ବିପନ୍ନ ଏଯାବତ ସହାୟତା ପାଇନାହାନ୍ତି। କେତେକ ସ୍ଥାନରେ କର୍ତ୍ତୃପକ୍ଷ କେବଳ ସର୍ଭେ କରି ବସିଯାଇଥିବାର ଦାବିପତ୍ରରେ ଦର୍ଶାଯାଇଛି। ଯେଉଁମାନଙ୍କର ଘର ଭାଙ୍ଗିଛି ବର୍ଷାହେଲେ ସେମାନେ ବହୁ ହଇରାଣ ହରକତ ହେବେ। ଭୂମିହୀନମାନଙ୍କୁ ଘରଭଙ୍ଗା ସାହାଯ୍ୟ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ, ବାତ୍ୟାରେ ଭାଙ୍ଗିଥିବା ଘରଗୁଡିକର କ୍ଷତିପୂରଣ, ସର୍ଭେ ଓ ରିଲିଫ କାମରେ ଅବହେଳା କରିଥିବା ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଦି ୭ଟି ଦାବି ରହିଛି। ଏସୟୁସିଆଇ(ସି)ବାରଙ୍ଗ ଆଞ୍ଚଳିକ କମିଟିର ସମ୍ପାଦକ ସିଦ୍ଧାର୍ଥ ରଥ, ଆଞ୍ଚଳିକ କମିଟି ସଦସ୍ୟା ଟିକା ସାମଲ, ଆଇନଜୀବୀ ଅରବିନ୍ଦ ବେହେରା, ଭାଗ୍ୟଶ୍ରୀ ପ୍ରଧାନ, ନମିତା ବେହେରା ପ୍ରମୁଖଙ୍କୁ ନେଇ ଗଠିତ ଏକ ପ୍ରତିନିଧିଦଳ ବାରଙ୍ଗ ବ୍ଲକ ବିଡିଓ ଆକୁଳାନନ୍ଦ ମଲ୍ଲିକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଦାବି ପୁରଣ ନ ହେଲେ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଘେରାଉ କରିବାକୁ ଏସୟୁସିଆଇ(ସି) ବାରଙ୍ଗ ଆଞ୍ଚଳିକ କମିଟି ପକ୍ଷର କୁହାଯାଇଛି।

## ଦୋକାନରୁ ଗଞ୍ଜେଇ ଜବତ, ସୀତାରାମ ବାବା ଗିରଫ




**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ଶହୀଦନଗର ଥାନା ଅଞ୍ଚଳରେ ୧୫ବର୍ଷ ଧରି ଚୋରା ଗଞ୍ଜେଇ କାରବାର ଚଳାଉଥିବା ସୀତାରାମ ବାବା ଓରଫ ଛବିନାଥ ଭଟ୍ଟଙ୍କୁ ପୁଣିଥରେ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ୧ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ସୀତାରାମ ରୁପାଲି ଛକ ଅଞ୍ଚଳରେ ରହି ଚୋରା ଗଞ୍ଜେଇ କାରବାର ଚଳାନ୍ତି। ବିଶେଷକରି ସେ ଗଞ୍ଜେଇ ସିଗାରେଟ ବିକ୍ରି କରନ୍ତି। ସେ ଏକ ଦୋକାନ କରି ବେପାର କରିବା ସହ ଏହା ପାର୍ଶ୍ୱରେ ଏକ ମଠ କରି ଭଜନ କୀର୍ତ୍ତନ କରନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୋକାନ ଖୋଲୁଥିବାବେଳେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମିବା ସହ ବେପାର ଚାଲେ। ପୂର୍ବରୁ ମଧ୍ୟ ସେ ଗିରଫ ହୋଇ ଜେଲ୍ ଯାଇଥିଲେ। ଜେଲ୍‌ରୁ ଫେରିବା ପରେ ମଧ୍ୟ ନିଶା କାରବାର ଜାରି ରଖିଥିଲେ। କମିଶନରେଟ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଚାଲିଥିବା ବେଳେ ସୀତାରମ ଟାର୍ଗେଟକୁ ଆସିଥିଲେ। ବୁଧବାର ପୋଲିସ ଟିମ ତାଙ୍କ ଦୋକାନରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଏ ନେଇ ୩୨୦/୧୯ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ଜଳିଗଲା ୫ ଫୁଟପାଥ୍ ଦୋକାନ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ୟୁନିଟ-୨ ମାର୍କେଟ ବିଲ୍ଡିଂ ସଂଲଗ୍ନ ଫୁଟପାଥ୍ ଦୋକାନରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ୫ଟି ଦୋକାନ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାବେଳେ ପ୍ରାୟ ୫ଲକ୍ଷ ଟଙ୍କାର ରେଡିମେଡ୍ କପଡ଼ା, ବ୍ୟାଗ୍ ଓ ଅନ୍ୟାନ୍ୟ ସାମଗ୍ରୀ ପାଉଁଶ ହୋଇଯାଇଛି। ମଙ୍ଗଳବାର ରାତି ପ୍ରାୟ ସାଢେ ୩ଟାବେଳେ ଏହି ଦୁର୍ଘଟଣା ଘଟିଥିଲା। କୌଣସି କାରଣରୁ ପ୍ରଥମେ ଏକ ବ୍ୟାଗ ଦୋକାନରେ ନିଆଁ ଲାଗିଯାଇଥିଲା। ନିଆଁକୁ ଆୟତ କରିବାବେଳେ ଦୁଇଜଣ ଦୋକାନୀ ଆହତ ହୋଇଥିଲେ। ତେବେ ଅଗ୍ନିଶମ ବିଭାଗକୁ ଠିକ ସମୟରେ କେହି ଖବର ଦେଇପାରି ନ ଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସରକାରୀ ସହାୟତା ପାଇଁ ସେମାନେ ନିବେଦନ କରିଛନ୍ତି।

## ଓ୍ୱିଫି ଇଣ୍ଟରନେଟର ୧୦ ବର୍ଷ ପୂର୍ତ୍ତି



**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

ଓ୍ୱିଫି ଇଣ୍ଟରନେଟ ପକ୍ଷରୁ ୧୦ମ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ୨୦୦୯ ଜୁଲାଇ ୧୫ରେ କମ୍ପାନୀ ଭୁବନେଶ୍ୱରଠାରୁ ଏହାର ସେବା ଆରମ୍ଭ କରିଥିଲା। ରାଜ୍ୟରେ ସର୍ବୋତ୍ତମ ଗୁଣବତ୍ତାବିଶିଷ୍ଟ ଇଣ୍ଟରନେଟ ସେବା ଯୋଗାଣ ନେଇ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଥିବା କହିଛି। କମ୍ପାନୀ ଉପରେ ନିରନ୍ତର ଭରସା ଏବଂ ସହଯୋଗ ଲାଗି ଗ୍ରାହକ, କର୍ମଚାରୀ ଏବଂ ଅଂଶୀଦାରଙ୍କୁ ନିର୍ଦ୍ଦେଶକ ନୀତିନ ଅଗ୍ରୱାଲ ଏବଂ ପ୍ରଶାନ୍ତ ଅଗ୍ରୱାଲ ଧନ୍ୟବାଦ ପ୍ରଦାନ କରିଛନ୍ତି। ଇଣ୍ଟରନେଟ ସେବା କ୍ଷେତ୍ରରେ ଏହା ନୂଆ ଧାରା ସୃଷ୍ଟି କରିଛି। ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଏବଂ ବ୍ରହ୍ମପୁରରେ ଏହା ସେବା ଯୋଗାଉଛି। ଏହି ଅବସରରେ ଗ୍ରାହକଙ୍କ ଲାଗି ପୂର୍ତ୍ତି ଅଫର ଘୋଷଣା କରାଯାଇଛି। କମ୍ପାନୀର ବାର୍ଷିକ ସବ୍‌ସ୍କ୍ରିପ୍‌ଶନ ନେଲେ ଗ୍ରାହକ ମାଗଣାରେ ଆଉ ଏକ ଆନୁଆଲ ସବସ୍କ୍ରିପଶନ ମାଗଣାରେ ପାଇପାରିବେ। ଅଫର ସଂକ୍ରାନ୍ତ ବିଭିନ୍ନ ସୂଚନା ଲାଗି ଗ୍ରାହକ ଓ୍ୱିଫି ଇଣ୍ଟରନେଟ କାର୍ଯ୍ୟାଳୟ କିମ୍ବା ଅଫିସ ନମ୍ବରରେ ସମ୍ପର୍କ କରିପାରିବେ।

## ପାଇଥିବା ପର୍ସ ଫେରାଇଲେ ମୋ'ବସ କର୍ମଚାରୀ

**ଭୁବନେଶ୍ୱର,୧୭।୭(ବ୍ୟୁରୋ)**

ସଚ୍ଚୋଟତା ଏକ ଦୁର୍ଲଭ ଗୁଣ। ମାନବିକତା ଏବେ ଆମ ସମାଜରୁ ଧୀରେ ଧୀରେ ହଜିଯାଉଥିବା ବେଳେ କେତେକ ସହୃଦୟ ବ୍ୟକ୍ତିବିଶେଷଙ୍କ ପାଇଁ ବଞ୍ଚିଛି। ଏମିତି ଏକ ବିରଳ ମାନବିକତା ଦେଖାଇଛନ୍ତି 'ମୋ ବସ'ର ଦୁଇଜଣ କର୍ମଚାରୀ। ନିଜର ସାମାଜିକ କର୍ତ୍ତବ୍ୟକୁ ପାଳନ କରି ଦୁଇଜଣ ଖୁବ୍ ପ୍ରଶଂସା ସାଉଁଟିଛନ୍ତି। ସେ ଦୁହେଁ ହେଲେ ମୋ'ବସ୍ ରୁଟ ୧୩ର କ୍ୟାପ୍ଟେନ ବୁଲୁ ପ୍ରଧାନ ଓ କଣ୍ଡକ୍ଟର ଜୀବନଜ୍ୟୋତି ରାଉତ। ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ସନ୍ଧ୍ୟାରେ ବିଜେଇଏମ ସ୍କୁଲର ଜଣେ ଶିକ୍ଷୟିତ୍ରୀ ସୁଜାତା ନାୟକ ବସ୍‌ରେ ଗଲାବେଳେ ପର୍ସ ଛାଡିଦେଇଥିଲେ। ବସ ଚାଳକ ଓ ସହାୟକ ପର୍ସ ପାଇବା ପରେ ତାକୁ କ୍ରୁଟ ଅଧିକାରୀଙ୍କୁ ଦେଇଥିଲେ। ପରେ କ୍ରୁଟର ପରିଚାଳନା ନିର୍ଦ୍ଦେଶକ ଆଇପିଏସ୍ ଅରୁଣ ବୋଥ୍ରା ଉକ୍ତ ମହିଳାଙ୍କୁ କ୍ରୁଟ କାର୍ଯ୍ୟାଳୟକୁ ଡକାଇ ତାଙ୍କ ପର୍ସ ଫେରାଇଥିଲେ। ଶିକ୍ଷୟିତ୍ରୀ ଜଣକ ଦୁଇଜଣ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ ସାଧାରଣ ଲୋକଙ୍କୁ 'ମୋ ବସ୍'ରେ ଯାତ୍ରା କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଆଇପିଏସ୍ ବୋଥ୍ରା ଦୁଇଜଣ କ୍ୟାପ୍ଟେନ ଓ କଣ୍ଡକ୍ଟରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଭଳି ଏକ ନିର୍ଲୋଭ କାର୍ଯ୍ୟ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। କ୍ୟାପ୍ଟେନ ବୁଲୁ ଓ କଣ୍ଡକ୍ଟର ଜୀବନଜ୍ୟୋତି ଟ୍ରାଭେଲ ଟାଇମ ସଂସ୍ଥା ଦ୍ୱାରା କ୍ରୁଟରେ ନିଯୁକ୍ତ ହୋଇଛନ୍ତି। ଆଶା ଏହା ଆହୁରି ଅନେକ ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

## ସ୍ମାର୍ଟ ସିଟିଜେନ ଫୋରମର ଚାରା ରୋପଣ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ବାତ୍ୟା 'ଫନୀ'ରେ ଭୁବନେଶ୍ୱରରେ ହଜାର ହଜାର ଗଛ ନଷ୍ଟ ହୋଇଛି। ସହରର ପୂର୍ବ ସବୁଜିମା ଫେରାଇ ଆଣିବାକୁ ସ୍ମାର୍ଟ ସିଟିଜେନ ଫୋରମ ଓ ଭୁବନେଶ୍ୱରର ବିଭିନ୍ନ ନାଗରିକ ମଞ୍ଚ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଚାଲିଛି। ବୁଧବାର କଳିଙ୍ଗନଗରର କ-୪ ଏବଂ କ-୫ ଅଞ୍ଚଳରେ ଶତାଧିକ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବେଶବିତ୍ ପ୍ରଫେସର ରାଧମୋହନ ଓ ପୂର୍ବତନ ସୂଚନା ଅଧିକାର କମିଶନ ଜଗଦାନନ୍ଦ ସାମିଲ ହୋଇଛନ୍ତି। ରାଜଧାନୀ ସହିତ ଗାଁରେ ସବୁଜ ବଳୟ ସୃଷ୍ଟି ପାଇଁ ପ୍ରଫେସର ରାଧାମୋହନ ଗୁରୁତ୍ୱ ଦେଇଥିବାବେଳେ ଗଛ ଲଗାଇବା ସହିତ ଏହାର ଯତ୍ନନେବାକୁ ଜଗଦାନନ୍ଦ ପରାମର୍ଶ ଦେଇଛନ୍ତି। ବନବିଭାଗ, ବିଏମ୍‌ସି ଏବଂ ବିଡିଏ ଏଥିରେ ସହଯୋଗ କରୁଛନ୍ତି। ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ପୂର୍ବତନ ଜିଲାପାଳ ନାରାୟଣ ଚନ୍ଦ୍ର ଜେନା, ଯାଜପୁରର ପୂର୍ବତନ ଜିଲାପାଳ ପ୍ରମୋଦ ମହାନ୍ତି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅମିୟ ପଟ୍ଟନାୟକ, ସାମାଜିକ କର୍ମୀ ଅଶୋକ ବରାଳଙ୍କ ସହ ବହୁ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ।



# ସତ୍ତା ହରାଇବ ବୈତାଳ ମନ୍ଦିର

**ଜବରଦଖଲ ପରେ ମନ୍ଦିର ଚାରି ପାଖରେ ବେଆଇନ ନିର୍ମାଣ କାଳ**

**ପୁରୁଣା ଭୁବନେଶ୍ୱର, ୧୭।୭ (ଡି.ଏନ.ଏ.)**

ବର୍ଷାଋତୁ ଆରମ୍ଭ ହୋଇଯାଇଛି। ହେଲେ ମନ୍ଦିରମାଳିନୀ ଭୁବନେଶ୍ୱର ସହରରେ ଥିବା ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ ଚିନ୍ତା ବିଭାଗକୁ ଘାରିଛି। ତେବେ କେନ୍ଦ୍ରୀୟ ପତ୍ନତତ୍ତ୍ୱ ବିଭାଗ, ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ବିଏମ୍‌ସି ଅଧିକାରୀଙ୍କର ମୁଣ୍ଡବିନ୍ଧାର କାରଣ ପାଲଟିଛି। ତନ୍ମଧ୍ୟରେ ଏକାମ୍ର କ୍ଷେତ୍ରର ଅନେକ ମଠ ମନ୍ଦିର ସତ୍ତା ହରାଇବାକୁ ବସିଥିବାବେଳେ ତ୍ରୟୋଦଶ ଶତାବ୍ଦୀର ବୈତାଳ ମନ୍ଦିର ଅନ୍ୟତମ। ମନ୍ଦିର ଚତୁଃପାର୍ଶ୍ୱରେ ଜନବସତି ଗଢି ଉଠିବା, ମନ୍ଦିରରୁ ଜଳ ନିଷ୍କାସନ ପଥ ଅବରୋଧ କରିବା ଦ୍ୱାରା ଏହି ମନ୍ଦିର ସମ୍ପ୍ରତି ବର୍ଷାଦିନେ ଜଳାର୍ଣ୍ଣବ ହୋଇପଡୁଛି। ତେଣୁ ମନ୍ଦିର ଚତୁଃପାର୍ଶ୍ୱରେ ଦୀର୍ଘଦିନ ଧରି ପାଣି ବୁଡ଼ି ରହିବାଦ୍ୱାରା ପଥରରେ ନିର୍ମିତ ବିଭିନ୍ନ ପାର୍ଶ୍ୱ ଦେବଦେବୀ, ଜୀବଜନ୍ତୁ, ଓ ବାହନମାନଙ୍କ ପ୍ରତିକୃତି ନଷ୍ଟ ହେବାକୁ ଲାଗିଲାଣି। ସେହିଭଳି ମନ୍ଦିର ଭିତରେ ପୂଜା ପାଉଥିବା ମା' ଅଷ୍ଟଭୁଜା, ମା'ଚାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ମଧ୍ୟ ଧ୍ୱଂସ ହେବା ଅବସ୍ଥାରେ। ଏଭଳି ସମସ୍ୟା ବିଗତ ୧୫ବର୍ଷ ପୂର୍ବରୁ ଦେଖା ଦେଇଥିଲେ ହେଁ କର୍ତ୍ତୃପକ୍ଷ ହାଲକା ଭାବେ ଗ୍ରହଣ




କରି ଜଳ ନିଷ୍କାସିତ ପଥ ଅବରୋଧ କରୁଥିବା ଜବରଦଖଲକାରୀଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରୁଥିବାରୁ ଏଭଳି ସମସ୍ୟା ପ୍ରତିବର୍ଷ ଦେଖାଦେଉଛି। ଇତିମଧ୍ୟରେ ମନ୍ଦିରଠାରୁ ୨୦୦ ମିଟର ଦୂରରେ କୌଣସି ବେଆଇନ କୋଠା ନିର୍ମାଣ ନ ହେବାକୁ ଏଏସ୍ଆଇର ଗାଇଡ଼ ଲାଇନ ଥିବାବେଳେ ଏଠାରେ କିନ୍ତୁ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି। ୧୫୦ ମିଟର ଦୂରତାରେ ମନ୍ଦିର ଚାରିପଟୁ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ସମ୍ପୂର୍ଣ୍ଣ ମନ୍ଦିରଟି ନିଜର ସତ୍ତା ହରାଇବାକୁ ବସିଲାଣି। ତେଣୁ ଜବରଦଖଲକାରୀଙ୍କୁ କୌଣସି ବିଭାଗୀୟ ଅଧିକାରୀମାନେ ନିଜ କାର୍ଯ୍ୟକାଳ ମଧ୍ୟରେ ପ୍ରୋତ୍ସାହନ ଦେବା ଗୋଟିଏ ମୂଳ କାରଣ ଅଟେ। ପରବର୍ତ୍ତୀ କାଳରେ ଏହି ଜବରଦଖଲକୁ ଭାଙ୍ଗିବା ନେଇ ନୂତନ ଅଧିକାରୀଙ୍କ ସମୟ ସରି ଯାଇଥାଏ। ଏହାର ଫାଇଦା ଉଠେଇଥାନ୍ତି ଜବରଦଖଲକାରୀ। ବର୍ଷବର୍ଷ ଧରି ଗୋଟିଏ ପରେ ଗୋଟିଏ ସମସ୍ୟା ଦେଖା ଯାଉଥିବା ବେଳେ ନିକଟରେ ମନ୍ଦିରକୁ ଲାଗି ଏକ ବେଆଇନ ନିର୍ମାଣ ପାଇଁ ମନ୍ଦିରଟି ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ସବୁ ଜାଣି ନୀରବ ରହୁଥିବା ଏଏସଆଇ ପରେ ମାମଲା କରିଥିବା ନେଇ ସଫେଇ ଦେଇଛି। ମୋଟ ଉପରେ କଡ଼ାକାର୍ଯ୍ୟାନୁଷ୍ଠାନ ନ ହେବାରୁ ଏହି ଅଞ୍ଚଳରେ ଥିବା ଅନେକ ଐତିହ୍ୟ ମଠ, ମନ୍ଦିର, ଏବେ ଲୋକଲୋଚନରୁ ଦୂରେଇ ଯିବାକୁ ବସୁଛି। ତେଣୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟିଦେଇ ଜବରଦଖଲକାରୀଙ୍କୁ ହଟାଇ ପାରିଲେ ଏଭଳି ଐତିହ୍ୟ ମନ୍ଦିରଗୁଡିକର କୀର୍ତ୍ତିରାଜି ବଞ୍ଚି ରହିବା ସହ ମନ୍ଦିରର ସୁରକ୍ଷା ଏବଂ ଅସ୍ତିତ୍ୱ ବଜାୟ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବ୍ରାହ୍ମଣ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତିଙ୍କୁ ପଚାରିବାରେ ନିର୍ମାଣ ନେଇ କୌଣସି ମାମଲା ହୋଇନାହିଁ। କେବଳ ଏଏସ୍ଆଇ ପକ୍ଷରୁ ବିରୋଧ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ଜୁଲାଇ, ୨୦୧୯



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
-କନ୍‌ଫୁସିଅସ୍



## ସଂକ୍ଷେପରେ

### ଖବରଦାତାଙ୍କ ଉପରକୁ ହାତ ଉଠାଇ ଅଡୁଆରେ ଏସ୍‌ପି
### ଏନ୍‌ଏଚ୍‌ଆରସିରେ ଅଭିଯୋଗ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ):** ପାଟକୁରା ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ରାପଡା ଜିଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଖବର ସଂଗ୍ରହ ପାଇଁ ପୂର୍ବାହ୍ନ ୧୦ଟା ସମୟରେ ବାରିମୂଳ ହେଲିପ୍ୟାଡ଼ରେ ଖବରଦାତାଙ୍କ ଭିଡ ଲାଗିଥିଲା। ଖବରଦାତା ଅଜେଶ ମଲ୍ଲିକ କ୍ୟାମେରାରେ ଫଟୋ ଉଠାଉଥିବା ସମୟରେ ଏସ୍‌ପି ନୀତିଶେଖର ଏହାକୁ ବାରଣ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ଏସ୍‌ପି ଗାଳିଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିବା ପାଇଁ ହାତ ଉଠାଇଥିଲେ। ଉକ୍ତ ଘଟଣାକୁ ଜିଲାର ଦୁଇ ଖବରଦାତା ସଂଘ ସହ ବିଭିନ୍ନ ମହଲରେ କଡା ସମାଲୋଚନା କରାଯାଇଛି। ଖବର ସଂଗ୍ରହ ବେଳେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଏସ୍‌ପି ହାତ ଉଠାଇବାକୁ କିପରି ସାହସ କଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ତଦନ୍ତ କରାଯାଇ ତୁରନ୍ତ ଏସ୍‌ପିଙ୍କ ବଦଳି ଦାବି କରିଛନ୍ତି । ଏ ନେଇ ଜାତୀୟ ମାନବାଧିକାର କମିଶନଙ୍କ (ଏନ୍‌ଏଚ୍‌ଆର୍‌ସି) ନିକଟରେ ଖବରଦାତା ଅଜେଶ ଅଭିଯୋଗ କରିଛନ୍ତି। ସେହିପରି କାର୍ଯ୍ୟରତ ସାମ୍ବାଦିକଙ୍କୁ ଗାଳି ଗୁଲଜ କରିବା ସହ ହାତ ଉଠାଇବା ଘଟଣାରେ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ତଦନ୍ତ ନିର୍ଦ୍ଦେଶ ଦେବାକୁ ମଧ୍ୟ ବିଭିନ୍ନ ସାମ୍ବାଦିକ ମହଲରୁ ଦାବି ହୋଇଛି।

### ପଞ୍ଚାୟତ ସମିତି ଭଙ୍ଗ ପାଇଁ ଦାବି

**ସାଲେପୁର, ୧୭।୭ (ଡ଼ି.ଏନ୍.ଏ.):** ସାଲେପୁର ପଞ୍ଚାୟତ ସମିତି ଭଙ୍ଗ କରିବା ପାଇଁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ମୁତାରିଫା ପଞ୍ଚାୟତ ସମିତି ସଭ୍ୟ ଉଦୟକେଶରୀ ବର୍ମାଙ୍କ ଅଭିଯୋଗ ଅନୁଯାୟୀ, ଗତବର୍ଷ ଅଗଷ୍ଟ ୩ରେ ସମିତି ବୈଠକ ହୋଇଥିଲା। ପ୍ରତି ୨ମାସରେ ଥରେ ପଞ୍ଚାୟତ ସମିତିର ବୈଠକ ବସିବାର ନିୟମ ଥିବା ବେଳେ ୧୦ମାସରୁ ଊର୍ଦ୍ଧ୍ୱ ହେବ ସାଲେପୁର ବ୍ଲକ୍ ପକ୍ଷରୁ ସମିତି ବୈଠକ ଡକାଯାଇନାହିଁ। ଗତ ଫନୀ ବାତ୍ୟା ସମୟରେ ସେ ତୁରନ୍ତ ସମିତି ବୈଠକ ଡାକିବାପାଇଁ ନିବେଦନ କରିଥିଲେ ମଧ୍ୟ ବିଡ଼ିଓଙ୍କୁ ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ସେହିପରି ଅଦ୍ୟାବଧି ସମିତିର ଷ୍ଟାଣ୍ଡିଂ କମିଟି ଗଠନ କରାଯାଇନାହିଁ। ମୁତାରିଫା ପଞ୍ଚାୟତର ଜିଜିୱାଇ ଫଣ୍ଡର ଠିକ୍ ବିନିଯୋଗ ହୋଇ ପାରିନାହିଁ। ପଞ୍ଚାୟତର ଆଠମାଣିଆ ଗ୍ରାମକୁ ଯିବାକୁ ଭଲ ରାସ୍ତାଟିଏ ନଥିବା ବେଳେ ପଦ୍ମପୁର ଚିକିତ୍ସାଳୟରେ ଡାକ୍ତର ନାହାନ୍ତି। ଫଳରେ ରୋଗୀସେବା ବିପର୍ଯ୍ୟସ୍ତ ହେଉଛି। ଅପରପକ୍ଷେ ପ୍ରତି ଉନ୍ନୟନ କାର୍ଯ୍ୟରେ ପିସି ଆଦାୟ କରାଯାଉଛି ବୋଲି ବର୍ମା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏସବୁ ଦୃଷ୍ଟିରୁ ପଞ୍ଚାୟତ ସମିତିକୁ ଭଙ୍ଗକରି ସାନି ନିର୍ବାଚନ କରିବାକୁ ସେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏହି ଘଟଣାର ତଦନ୍ତ ଦାବି କରିଛନ୍ତି। ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ସେ ସାଲେପୁର ବ୍ଲକ୍ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

### ପୂର୍ବତନ ୱାର୍ଡ ସଭ୍ୟଙ୍କ ବିୟୋଗରେ ଶୋକ

**ସାଲେପୁର, ୧୭।୭ (ଡ଼ି.ଏନ୍.ଏ):** ସାଲେପୁର ବ୍ଲକ୍ କୁସମ୍ବୀ ଗ୍ରାମର ପୂର୍ବତନ ୱାର୍ଡସଭ୍ୟ ଗୌରଚରଣ ପଲେଇଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଶୋକପ୍ରକାଶ କରିଛନ୍ତି। ସେହିପରି ତାଙ୍କ ବିୟୋଗରେ ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ୍ କୁମାର ଦାଶ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସିଂହ, ପୂର୍ବତନ ସମିତି ସଭ୍ୟ ହରିହର ବେହେରା, ପ୍ରଦିପ୍ତ ସାହୁ ଓ ସରୋଜ କୁମାର ଭୂୟାଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ନଇଗୁଆଁରେ ଗୁରୁପୂର୍ଣ୍ଣିମା ଉତ୍ସବ

**ସାଲେପୁର, ୧୭।୭(ଡ଼ି.ଏନ୍.ଏ):** ସାଲେପୁର ବ୍ଲକ୍ ଅନ୍ତର୍ଗତ ନଇଗୁଆଁର ଉଦ୍ଧବ ଚରଣ ରାଉତଙ୍କ ଗୃହସ୍ଥିତ ଗଣେଶ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କ୍ରିୟାଯୋଗଗୁରୁ ରାମ୍‌ଜୀ ପୌରୋହିତ୍ୟ କରି ଗୁରୁଶିଷ୍ୟ ପରମ୍ପରା ଆମ ସଂସ୍କୃତିର ଏକ ଅନିର୍ବଚନୀୟ ଭାବଧାରା ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଗାଳ୍ପିକ ଡ. ଗରିଶ ଚନ୍ଦ୍ର ସାହୁ, ଗୁରୁଚରଣ ପଣ୍ଡା, ମଧୁସୂଦନ ସାହୁ, ନିର୍ମଳା ପୃଷ୍ଟି ଓ ମନ୍ଦାକିନୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

# ବିନା ଏନ୍‌ଓସିରେ ଚାଲିଛି ୧୮ ଘରୋଇ ସ୍କୁଲ

■ ଘରୋଇ ସ୍କୁଲମୁହାଁ ଛାତ୍ରୀଛାତ୍ର
■ ୮ ସରକାରୀ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ

**ନିଶ୍ଚିନ୍ତକୋଇଲି, ୧୭।୭(ସ୍ୱ.ପ୍ର.)**

ସରକାରୀ ସ୍କୁଲ ପ୍ରତି ପିଲାମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ଏଭଳିକି ସରକାରୀ ବିଦ୍ୟାଳୟରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍ତମ ତାଲିମ୍ ଦିଆଯାଉଛି। ଛାତ୍ରୀଛାତ୍ରଙ୍କୁ ମାଗଣା ବହି, ପୋଷାକ ଯୋଗାଇ ଦେବା ସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି। ପିଲାଙ୍କ ଉପସ୍ଥାନ ବଢାଇବା ପାଇଁ ପ୍ରୋତ୍ସାହନ ରାଶି ମଧ୍ୟ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ସରକାରୀ ସ୍କୁଲ ପ୍ରତି ଅଭିଭାବକ ଓ ଛାତ୍ରୀଛାତ୍ର ବିମୁଖ ହେଉଥିବା ଦେଖିବାକୁ ମିଳୁଛି । ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ର ବେସରକାରୀ ସ୍କୁଲମୁହାଁ ହେଉଥିବାବେଳେ ଅନେକ ଘରୋଇ ବିଦ୍ୟାଳୟ ବିନା ଏନ୍‌ଓସିରେ ଚାଲୁଛି। ଫଳରେ ପିଲାମାନଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଦାହରଣ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକର ୯ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ ରହି ୫ଟି ଶ୍ରେଣୀରେ ପାଠ ପଢାଉଛନ୍ତି। ପୂର୍ବରୁ ବ୍ଲକର ୭ଟି ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍‌ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ବନ୍ଦ କରି ଦିଆଯାଇଥିଲା। ଏସବୁ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ହୋଇପାରୁ ନଥିବାରୁ ଛାତ୍ରୀଛାତ୍ରମାନେ ବେସରକାରୀ ସ୍କୁଲରେ ନାମ ଲେଖାଉଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକରେ ଦିନକୁ ଦିନ ଘରୋଇ ସ୍କୁଲ ସଂଖ୍ୟା ବୃଦ୍ଧି ପାଇ ଚାଲିଛି।

ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ୧୪୪ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ୩୯ ଉଚ୍ଚ ବିଦ୍ୟାଳୟ ରହିଛି। ସେଥିରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ୭ ବିଦ୍ୟାଳୟ ବନ୍ଦ କରାଯାଇ ପିଲାଙ୍କୁ ପାଖ ସରକାରୀ ବିଦ୍ୟାଳୟରେ ପାଠ ପଢ଼ାଯାଉଛି। ଏହି ବିଦ୍ୟାଳୟଗୁଡ଼ିକର ଶିକ୍ଷକମାନଙ୍କୁ ଠିକ୍ ଭାବେ ବଦଳି କରାଯାଇନଥିବା ବେଳେ ଆସବାବପତ୍ର ସ୍ଥାନାନ୍ତର କରାଯାଇନାହିଁ। ଫଳରେ ବିଦ୍ୟାଳୟଗୁଡ଼ିକ ରକ୍ଷଣା ବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଅପରପକ୍ଷେ ବ୍ଲକର ଫତେପୁର ପ୍ରୋଜେକ୍ଟ ବିଦ୍ୟାଳୟ, ଜୁଲୁକିପଡା ଉର୍ଦ୍ଦୁ ବିଦ୍ୟାଳୟ, ମୁରୁଦାବାଦ ପ୍ରାଥମିକ ବିଦ୍ୟାଳୟ, ଜଗନ୍ନାଥ ପ୍ରୋଜେକ୍ଟ ପ୍ରାଇମେରୀ, କଳମିଶ୍ରୀ ପ୍ରାଇମେରୀ, ଅଢ଼ଙ୍ଗା ପ୍ରାଇମେରୀ, ଗୋବିନ୍ଦପତି ପ୍ରାଇମେରୀ, ଦେବରାଳ ପ୍ରାଇମେରୀ ଓ ଜିଗ୍ନିପୁର ପ୍ରାଇମେରୀ ଆଦି ବିଦ୍ୟାଳୟର ୫ଟି ଶ୍ରେଣୀ ପାଇଁ ଜଣେ ଲେଖାଁଏ ଶିକ୍ଷକ ରହିଛନ୍ତି।

ଫଳରେ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିଯୋଗୁ ବ୍ଲକରେ ବେସରକାରୀ ବିଦ୍ୟାଳୟ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବ୍ଲକର ୩୩ ବେସରକାରୀ ସ୍କୁଲ ରହିଛି। ସେଥିରୁ ମାତ୍ର ୧୫ଟି ବିଦ୍ୟାଳୟକୁ ସରକାରୀ ସିକୃତି ମିଳିଛି। ତେବେ ୧୮ବେସରକାରୀ ବିଦ୍ୟାଳୟ ବିନା ଏନୋସିରେ ଚାଲୁଛି। ମାତ୍ର ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଫଳରେ ପିଲାଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ଗୋଟିଏ ପଟେ ପିଲା ନ ଥିବାରୁ ସରକାରୀ ସ୍କୁଲରେ ତାଲା ପଡୁଥିବା ବେଳେ ଅନ୍ୟପଟେ ଗାଁ ଗହଳିରେ ଛତୁ ଫୁଟିଲାଭଳି ଘରୋଇ ଶିକ୍ଷାନୁଷ୍ଠାନ ଖୋଲୁଛି। ବିନା ଏନ୍‌ଓସିରେ ବେସରକାରୀ ବିଦ୍ୟାଳୟ ଚାଲୁଥିବାରୁ ଶିକ୍ଷା ଅଧିକାରୀ ଆଇନ ୨୦୦୯କୁ ଉଲ୍ଲଂଘନ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏହି ନିୟମ ଅନୁସାରେ ଏନ୍‌ଓସି ପାଇନଥିବା ଓ ବେଆଇନ ଭାବେ ଚଲାଉଥିବା ବିଦ୍ୟାଳୟ ନିକଟରୁ ୫ ହଜାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ କୁହନ୍ତି ସରକାରୀ ବିଦ୍ୟାଳୟ ଗୁଡିକରେ ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଉଛି। ବନ୍ଦ ହୋଇଥିବା ବିଦ୍ୟାଳୟଗୁଡିକର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଡେପୁଟେସନରେ ପଠାଯାଇଛି। ଜଣେମାତ୍ର ଶିକ୍ଷକ ଥିବା ବିଦ୍ୟାଳୟଗୁଡିକରେ ଡେପୁଟେସନରେ ଶିକ୍ଷକ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି। ବେସରକାରୀ ସ୍କୁଲ ଏନ୍‌ଓସି ପାଇବା ଓ ଆବେଦନ କରିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଙ୍କ ଉପରେ ନିର୍ଭର କରୁଛି। ଏନ୍‌ଓସି ପାଇନ ଥିବା ବିଦ୍ୟାଳୟ ସମ୍ପର୍କରେ କୌଣସି ସ୍ୱଷ୍ଟ ନିର୍ଦ୍ଦେଶ ଦିଆଯାଇନାହିଁ ବୋଲି ବାରିକ କହିଛନ୍ତି।



ସାମାଜିକ କର୍ମୀଙ୍କ ସହ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

# ବ୍ଲକ୍ କାର୍ଯ୍ୟାଳୟ ଆଗରେ ସାମାଜିକ କର୍ମୀଙ୍କ ଧାରଣା

**ବଡ଼ମ୍ବା,୧୭।୭(ଡ଼ି.ଏନ୍.ଏ)**

ବଡ଼ମ୍ବା ବ୍ଲକ୍ ଅନ୍ତର୍ଗତ କୋଲେଶ୍ୱର ପଞ୍ଚାୟତର ସାମାଜିକ କର୍ମୀ ସନ୍ତୋଷ କୁମାର ମିଶ୍ର ୧୧ଦଫା ଦାବି ନେଇ ବୁଧବାର ବ୍ଲକ୍ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ । ଏହାକୁ ସମର୍ଥନ ଜଣାଇ ପଞ୍ଚାୟତର ବହୁ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ । ଏହି ପଞ୍ଚାୟତର ଯୋଗ୍ୟ ହିତାଧିକାରୀ ଗୃହାଳ ନ ପାଇବା, ବିଧବା, ଭିନ୍ନକ୍ଷମ,ବୃଦ୍ଧା ବୃଦ୍ଧ ଭତ୍ତା ନ ପାଇବା, ଶ୍ରମ ହିତାଧିକାରୀଙ୍କୁ ପ୍ରାପ୍ୟ ନ ମିଳିବା, ଶୌଚାଳୟ କାର୍ଯ୍ୟ ଶେଷ ନ ହେବା, ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ନ ମିଳିବା ଆଦି ଦାବି ନେଇ ମିଶ୍ର ସମର୍ଥକଙ୍କ ସହ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଖବରପାଇ ବିଡ଼ିଓ ସଦାନନ୍ଦ ସେଠୀ, ବ୍ଲକ୍ ଅଧ୍ୟକ୍ଷ ଅନୁସୂୟା ନାୟକ ଓ ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ ସେଠାରେ ପହଞ୍ଚି ଦାବିଗୁଡିକୁ ଆଲୋଚନା କରିଥିଲେ । ଆଗାମୀ ୧୫ଦିନ ମଧ୍ୟରେ ଦାବିଗୁଡିକୁ ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ବିଭିନ୍ନ ସାହି ବୁଲି ସମସ୍ୟାର ସମାଧାନ କଲେ ଉପଜିଲାପାଳ



ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସାହି ବୁଲି ଲୋକଙ୍କ ସମସ୍ୟା ବୁଝୁଛନ୍ତି।

**ଆଠଗଡ, ୧୭।୭(ସ୍ୱ.ପ୍ର.)**

କଟକ ଜିଲାପାଳ ଭବାନୀ ଶଙ୍କର ଚୟନିଙ୍କ ନୂତନ ଯୋଜନା ଅନୁଯାୟୀ, ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ପାଖରେ ପହଞ୍ଚି ଅଭିଯୋଗ ଶୁଣିବା ସହ ଏହାର ସମାଧାନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଉପଜିଲାପାଳ ଅମୀୟ କୁମାର ସାହୁ ୬ନଂ ୱାର୍ଡ ଅନ୍ତର୍ଗତ ରାଧାନାଥପୁର ଶାସନର ଦୁଇ ସାହିର ପରିମଳ ବ୍ୟବସ୍ଥା ତଦାରଖ କରିଛନ୍ତି। ତାଙ୍କ ନିର୍ଦ୍ଦେଶରେ ଏନ୍‌ଏସିର ସଫେଇ କର୍ମଚାରୀଙ୍କ ଦ୍ୱାରା ୱାର୍ଡର ମୁଖ୍ୟ ନାଳଗୁଡିକ ସଫେଇ କରାଯାଇଥିଲା । ଏହି ଅବସରରେ ଶାସନ ପୋଖରୀର ପଶ୍ଚିମ ପାର୍ଶ୍ୱ ରାସ୍ତାକୁ ଲାଗି ସୁରକ୍ଷା ପ୍ରାଚୀର ନଥିବାରୁ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସାହୁ ଏହା ଦେଖିବା ପରେ ସେଠାରେ ପ୍ରାଚୀର ନିର୍ମାଣ ସହ ସର୍ବସାଧାରଣରେ ଶୌଚାଳୟ ନିର୍ମାଣ ଲାଗି ପଦକ୍ଷେପ ନେବାକୁ ଏନ୍‌ଏସି କାର୍ଯନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାଧାନାଥପୁର ଶାସନରୁ ପୁରଣା ବସ୍‌ଷ୍ଟାଣ୍ଡକୁ କଲିକତା ସୁଇଟ୍ସ ଦେଇ ଯାଇଥିବା ରାସ୍ତାର ଦୁଇପାର୍ଶ୍ୱକୁ ସଫା କରିବାକୁ ସାହୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ହାଇସ୍କୁଲ ସମ୍ମୁଖ ରାସ୍ତାର ଦକ୍ଷିଣ ପାର୍ଶ୍ୱର ଅଧପନ୍ତରିଆ ହୋଇ ପଡିଥିବା ନାଳ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ପାଇଁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ଉପଜିଲାପାଳ ପରାମର୍ଶ ଦେଇଥିଲେ । ଏଥିସହ ବାଳିକା ହାଇସ୍କୁଲ ପରିସରରେ ଏବଂ ଲକ୍ଷୀନୃସିଂହ ମନ୍ଦିର ଉପରୁ ଫନୀ ସମୟରେ ପଡିଥିବା ଗଛଗୁଡିକୁ କାଟି ସଫା କରିବା ପାଇଁ ସାହୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ଶତପଥୀ, ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ବେହେରା, ସେସୁର କନିଷ୍ଠ ଯନ୍ତ୍ରୀ ପିତବାସ ସାହୁ ଓ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ପୃଥ୍ୱୀରାଜ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନିଆଳି କୈବର୍ତ୍ତ ସମାଜର ବୈଠକ

**ବାଙ୍କୀ,୧୭।୭(ବି.ପ୍ର.)**

ସ୍ଥାନୀୟ ଶିମିଳିପୁର ପଲ୍ଲିବିକାଶ କ୍ଲବ ପରିସରରେ ଡମପଡ଼ାସ୍ଥିତ ନିଆଳି କୈବର୍ତ୍ତ ସମାଜର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନିଆଳି କୈବର୍ତ୍ତ ସମାଜର ସଭାପତି ଗୌରାଙ୍ଗ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଦନପୁର, ତାଳବସ୍ତ, କୁସୁନ୍ଦା, କୁଶପଙ୍ଗୀ, କରବର, ଶିମିଳିପୁର ଆଦି ଗ୍ରାମର ଲୋକେ ଯୋଗଦେଇଥିଲେ । ଶିମିଳିପୁର ସାହି ବେହେରା ରଘୁନାଥ ବେହେରା ଏହାକୁ ପରିଚାଳନା କରିଥିଲେ। ବୈଠକରେ କୁଶପଙ୍ଗୀ ସଦର ବେହେରା, କରୁଣାକର ସୁବୁଦ୍ଧି, ଦାଶରଥୀ ବେହେରା, ପ୍ରଭାସ ସାହୁ, ଗୁଣନିଧି ବେହେରା, ଗଙ୍ଗାଧର ଦାସ, ଯୋଗୀନାଥ ଦାସ ଓ ପୀତବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ସାପ କାମୁଡ଼ାରେ ୨ ମୃତ

**ଆଠଗଡ଼,ବଡ଼ମ୍ବା,୧୭।୭ (ସ୍ୱ.ପ୍ର./ଡିଏନ୍.ଏ.)**

ଆଠଗଡ ଓ ବଡ଼ମ୍ବା ଅଞ୍ଚଳରେ ସାପ କାମୁଡାରେ ବୁଧବାର ୨ଜଣଙ୍କ ମୃତ୍ୟୁ ଘଟିଛି। ଆଠଗଡ ବ୍ଲକ ଯୋରନ୍ଦା ପଞ୍ଚାୟତ ଅନ୍ତର୍ଗତ ନାଉରଥ ଗ୍ରାମର ପ୍ରତାପ ନାୟକଙ୍କ ପୁଅ ପପୁ (୧୭) ମଙ୍ଗଳବାର ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା । ଗଭୀର ନିଦ୍ରାରେ ଶୋଇଥିବାରୁ ସେ ଏ କଥା ଜାଣିପାରି ନ ଥିଲେ । ଭୋର ସମୟରେ ସେ ନିଦରୁ ଉଠି ଶୌଚ ହେବା ପାଇଁ ଗ୍ରାମ ପୋଖରୀକୁ ଯାଇଫେରୁଥିବା ବେଳେ ନିକଟ ମଣ୍ଡପରେ ପଡ଼ିଯାଇଥିଲେ। ଗୋଡ଼ରେ କ୍ଷତ ଚିହ୍ନ ଦେଖି ପରିବାର ଲୋକେ ସାପ କାମୁଡା ସନ୍ଦେହରେ ତାଙ୍କୁ ନେଇ ପ୍ରଥମେ ଆଠଗଡ଼ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ବାଟରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସେହିପରି

ବଡମ୍ବା ବ୍ଲକର ଜାନିସାହି ଗ୍ରାମର ଶରତ କୁମାର ଜେନାଙ୍କ କନ୍ୟା ଦୀପ୍ତିମଞ୍ଜରୀ ଜେନା (୧୩)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ଖଳିଡ଼ୀପ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ୮ମ ଶ୍ରେଣୀରେ ପଢୁଥିଲେ । ରାତିରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡି ଦେବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆଠଗଡ଼ ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

■ ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟିର ଧାରଣା ଜାରି

# ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ

**ବଡ଼ମ୍ବା,୧୭।୭(ଡ଼ି.ଏନ୍.ଏ.)**

ବିଭିନ୍ନ ଦାବିନେଇ ବଡ଼ମ୍ବା ଓକିଲ ସଂଘ ଓ ସର୍ବଦଳୀୟ କ୍ରିୟାନୁଷ୍ଠାନ କମିଟି ତରଫରୁ ଆନ୍ଦୋଳନ ଜାରିରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ସର୍ବଦଳୀୟ କମିଟି ସଦସ୍ୟଙ୍କ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ଦିଆଯାଇଥିଲା। ଏଥିସହ ଆଗାମୀ ଦିନରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କମିଟି ସଭାପତି କୈଳାସ ଚନ୍ଦ୍ର ଜେନା ଓ ସମ୍ପାଦକ ପରେଶ ମହାନ୍ତି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ବଡ଼ମ୍ବାରେ ସବ୍ ଜଜ୍ କୋର୍ଟ ପ୍ରତିଷ୍ଠା, ରାଜସ୍ୱ ଉପଖଣ୍ଡ ମାନ୍ୟତା ଓ ମାଣିଆବନ୍ଧ ଫାଣ୍ଡିକୁ ଥାନାର ମାନ୍ୟତା ଦାବ କରି ଦୀର୍ଘଦିନ ଧରି ଏହି ଆନ୍ଦୋଳନ ଜାରି ରହିଥିବା ବେଳେ ଏହି ଆନ୍ଦୋଳନକୁ ବ୍ଲକ ଅନ୍ତର୍ଗତ ୩୮ ପଞ୍ଚାୟତର ବାସିନ୍ଦା, ବିଭିନ୍ନ ସଂଗଠନ ଓ ରାଜନୈତିକ ନେତାଙ୍କ ପକ୍ଷରୁ ସମର୍ଥନ ଦିଆଯାଇଛି।

■ ତୁଳସୀପୁରରେ ପାଇପଜଳ ଯୋଗାଣ ବନ୍ଦ

# ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ

**ବାଙ୍କୀ,୧୭।୭(ବି.ପ୍ର.)**

ବାଙ୍କୀ-ଡମପଡା ବ୍ଲକ ଅନ୍ତର୍ଗତ ତୁଳସୀପୁର ଯପଞ୍ଚାୟତର ପାନୀୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ୧୫ଦିନରୁ ଅଧିକ ସମୟ ଧରି ବନ୍ଦ ରହିଛି । ଏନେଇ ତୁଳସୀପୁର ବିକାଶ ପ୍ରତିଷ୍ଠାନର ସଭାପତି ଓ ସଦସ୍ୟମାନେ ଏକାଠି ହୋଇ ବୁଧବାର ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପାଣି ଆସୁ ନ ଥିବାରୁ ସ୍ଥାନୀୟ ଲୋକେ ପାନୀୟ ଜଳ ପାଇଁ ସମସ୍ୟା ଭୋଗୁଛନ୍ତି। ଏହାଛଡା ଗ୍ରାମର ବଣିଆ ସାହି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବା,ଫନୀ ବାତ୍ୟା ପରେ ନଳକୂପଗୁଡିକ ବ୍ଲିଚିଂ ପାଉଡ଼ର ଦ୍ୱାରା ବିଶୋଧିତ କରାଯାଇ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଦିଗରେ ବାଙ୍କୀ ଉପଜିଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ତୁଳସୀପୁର ବିକାଶ ପ୍ରତିଷ୍ଠାନର ସଭାପତି ଭଜକିଶୋର ରାଉତ ଓ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧିଙ୍କ ସମେତ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ତୁଳସୀପୁର ପାନୀୟ ଜଳ ପ୍ରକଳ୍ପର ଗୋଟିଏ ମଟର ଖରାପ ଥିବା ଯୋଗୁ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ଏନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ତୁଳସୀପୁରସ୍ଥିତ ପାଇପ ଜଳ ଯୋଗାଣ ପ୍ରକଳ୍ପ।

■ ଫନୀକୁ ଅଢ଼େଇ ମାସ ବିତିଲା

# ବସ୍ତିବାସିନ୍ଦାଙ୍କୁ ମିଳିଲାନି ପାଲ

**କଟକ ଅଫିସ,୧୭।୭**

ଫନୀ ପ୍ରଭାବରେ କଟକରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଇଛି ବୋଲି ପ୍ରଶାସନ ଡିଣ୍ଡିମ ପିଟୁଛି। ହେଲେ ଫନୀକୁ ଇତିମଧ୍ୟରେ ଅଢେଇ ମାସ ବିତିବାକୁ ବସିଥିଲେ ମଧ୍ୟ କଟକ ସହରର ନଦୀବନ୍ଧ ନିକଟରେ ଥିବା ବ୍ରହ୍ମପୁର ବସ୍ତିରେ ୧୫୦ରୁ ଊର୍ଦ୍ଧ୍ୱ ପରିବାର ପାଲ ଖଣ୍ଡିଏ ପାଇ ନ ଥିବା ଅଭିଯୋଗ ହୋଇଛି। ପ୍ରାୟ ୩୦ ବର୍ଷ ହେବ ଉକ୍ତ ପରିବାର ଲୋକେ ଏଠାରେ ବସବାସ କରୁଛନ୍ତି। ଏହି ବସ୍ତି ଅଞ୍ଚଳ କଟକ ମହାନଗର ନିଗମ(ସିଏମ୍‌ସି)ର ୧୬ ନମ୍ବର ୱାର୍ଡରେ ଆସୁଥିଲେ ମଧ୍ୟ ପ୍ରଶାସନ କିମ୍ବା ସିଏମ୍‌ସି ଅଧିକାରୀଙ୍କ ପାଦ ପଡି ନ ଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ବସ୍ତିରେ ରହିବା ପାଇଁ ବାସିନ୍ଦାମାନେ ସିଏମ୍‌ସିକୁ ଟ୍ୟାକ୍ସ ପଇଠ କରୁଛନ୍ତି। ଫନୀବେଳେ ଭଲରେ ଖାଇବା ପାଇଁ ବ୍ୟବସ୍ଥା କରାଯାଇ ନ ଥିବାବେଳେ ଉଡି ଯାଇଥିବା ଛପରକୁ ଘୋଡାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ପାଲ ମିଳି ନ ଥିବା ସେମାନେ କହିଛନ୍ତି। ପାଲ ଆସିବ କହି ୨ ମାସ ବିତିଗଲା କିନ୍ତୁ ଆସିଲା ନାହିଁ। ମୁଣ୍ଡ ଗୁଞ୍ଜିବା ପାଇଁ ଧାରକରଜ କରି ପାଲ ଓ ଟିଣ କିଣି ଏବେ ରହୁଛୁ ବୋଲି ବସ୍ତିବାସିନ୍ଦା କହିଛନ୍ତି। ସମସ୍ୟା ସମ୍ପର୍କରେ ତହସିଲଦାର ସଞ୍ଜୟ ପ୍ରତିହାରୀ କହିଛନ୍ତି, ଫନୀରେ ସମସ୍ତ ବସ୍ତିବାସିନ୍ଦାଙ୍କୁ ପାଲ ଯୋଗାଇ ଦିଆଯାଇଛି। ଏ ନେଇ ସମ୍ପୂର୍ଣ୍ଣ ବିବରଣୀ ଆମ ପାଖରେ ଅଛି। ଏପରି କି ସହରରେ ସମସ୍ତ ବସ୍ତିବାସିନ୍ଦାଙ୍କୁ ପାଲ ଯୋଗାଇ ଦିଆଯାଇଛି। ଯେଉଁମାନେ ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଏ ନେଇ ସିଏମ୍‌ସି ଅତିରିକ୍ତ କମିଶନର ଜୟନ୍ତ ନାରାୟଣ ଷଡଙ୍ଗୀ କୁହନ୍ତି, ଫନୀ ସମୟରେ ସମସ୍ତ ବସ୍ତିବାସିନ୍ଦାଙ୍କୁ ସିଏମ୍‌ସି ପକ୍ଷରୁ ଖାଇବା, ରହିବା ସମେତ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ଏବେ ଯାହା ଅଭିଯୋଗ ଆସିଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ସେହିପରି ଡେପୁଟି କମିଶନର ଦେବାଶିଷ ମହାନ୍ତି କୁହନ୍ତି, ସିଏମ୍‌ସି ପକ୍ଷରୁ ଆଶ୍ରୟସ୍ଥଳୀରେ ସମସ୍ତ ଲୋକଙ୍କ ଖାଇବା, ରହିବା ସୁବିଧା କରାଯାଇଥିଲା। ଯଦି ସେପରି ଅଭିଯୋଗ ଆସେ ତା' ହେଲେ ସିଏମ୍‌ସି ପକ୍ଷରୁ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ ପଦକ୍ଷେପ ନେବା ନିମନ୍ତେ ଚେଷ୍ଟା କରାଯିବ।

## ଏମାନେ କୁହନ୍ତି...



ବ୍ରହ୍ମପୁର ବସ୍ତିରେ ଆମେ ୩୦ ବର୍ଷ ହେଲା ରହିଛୁ। ତିତ୍‌ଲି, ହୁଡହୁଡ୍, ଫନୀ ଭଳି ବାତ୍ୟାକୁ ଆମେ ଦେଖିଛୁ। ଫନୀ ପରେ ପ୍ରଶାସନିକ ଅଧିକାରୀ ଏଠାକୁ ଗୋଟିଏ ଥର ଆସି ପାଲ ଆସିବ ବୋଲି କହି ଚାଲିଯାଇଛନ୍ତି। ତା'ପରେ ଆଉ ବାବୁମାନଙ୍କର ଦେଖାନାହିଁ।
**-ପରିକ୍ଷିତ ଆପଟ, ବ୍ରହ୍ମପୁର ବସ୍ତିବାସିନ୍ଦା**



ଫନୀକୁ ୨ ମାସରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ରହିବା ପାଇଁ ଘର କିମ୍ବା ପାଲ ଆମେ ପାଇନୁ। ମିସ୍ତ୍ରି, କୁଲି କାମ ଓ ମୂଲ ଲାଗିଲେ ବସ୍ତିର ବହୁ ଲୋକଙ୍କ ଘର ଚଳେ। ହେଲେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଫନୀ ପାଇଁ କୌଣସି ସାହାଯ୍ୟ ସହଯୋଗ ମିଳିନାହିଁ।
**-ସୁଶାନ୍ତ ପ୍ରଧାନ, ବ୍ରହ୍ମପୁର ବସ୍ତିବାସିନ୍ଦା**



ଏହି ବସ୍ତିରେ ରହିବା ନିମନ୍ତେ ବର୍ଷକୁ ବର୍ଷ ଟିକସ ଦେଉଛୁ। ସିଏମ୍‌ସି ପକ୍ଷରୁ ଆମ ବସ୍ତି ନିମନ୍ତେ ହୋଲ୍‌ଡିଂ ନମ୍ବର ମଧ୍ୟ ଦିଆଯାଇଛି। ବାତ୍ୟାରେ ଆମ ଘରଦ୍ୱାର ଉଡିଯାଇଥିଲା। ହେଲେ ପ୍ରଶାସନ ଏ ପର୍ଯ୍ୟନ୍ତ ଆମ ପାଖରେ ପହଞ୍ଚିନି କିମ୍ବା ମୁଣ୍ଡ ଗୁଞ୍ଜିବା ପାଇଁ ପାଲଟିଏ ସାହାଯ୍ୟ କରିନାହିଁ।
**-କୃଷ୍ଣ ବାରିକ, ବ୍ରହ୍ମପୁର ବସ୍ତିବାସିନ୍ଦା**



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
- କନ୍‌ଫୁସିଅସ୍



## ସଂକ୍ଷେପରେ

### ଦରଘାବଜାର ଅଞ୍ଚଳରୁ ନାବାଳିକା ଉଦ୍ଧାର

**କଟକ ଅଫିସ, ୧୭।୭:** ଦରଘାବଜାର ଥାନା ଅନ୍ତର୍ଗତ ଜେଲରୋଡ ଅଞ୍ଚଳରୁ ବୁଧବାର ଜଣେ ନାବାଳିକାଙ୍କୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ତାଙ୍କର ପରିଚୟ ମିଳି ନ ଥିବା ବେଳେ ସେ ସାନ୍ତାଳି ଭାଷାରେ କଥାବାର୍ତ୍ତା କରୁଛନ୍ତି। ଫଳରେ ପୋଲିସ ତାଙ୍କ କଥା ବୁଝି ନ ପାରି ସାମାଜିକ ଅନୁଷ୍ଠାନ ବସୁନ୍ଧରାରେ ଛାଡିଛି। ମିଳିଥିବା ସୂଚନା ଅନୁଯାୟୀ, ସକାଳେ ନାବାଳିକା ଜଣଙ୍କ ଜେଲରୋଡ ଅଞ୍ଚଳରେ ଥିବା ଏକ ଅଟୋରେ ବସିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପଚରାଉଚରା କରିଥିଲେ ମଧ ସେ କିଛି କହି ନ ଥିଲେ। ଖବରପାଇ ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା।

### ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୭।୭:** ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୯ ଅଞ୍ଚଳରେ ଘଟିଥିବା ଆକ୍ରମଣ ଘଟଣାର ଫେରାର ଅଭିଯୁକ୍ତଙ୍କୁ ପୋଲିସ ୯ ମାସ ପରେ ଗିରଫ କରିଛି। ସେ ହେଲେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ଶ୍ରୀକୃଷ୍ଣ ଭଞ୍ଜଦେଓ(୫୫)। ଶ୍ରୀକୃଷ୍ଣ ବୁଧବାର ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଅଞ୍ଚଳକୁ ଆସିଥିବା ବେଳେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ସୋର ଅଞ୍ଚଳର ରମେଶ ଚନ୍ଦ୍ର ଲେଙ୍କାଙ୍କ ସହ ମିଶି ଶ୍ରୀକୃଷ୍ଣ ସିଡ଼ିଏ ସେକ୍ଟର-୯ ଅଞ୍ଚଳରେ କାର୍ଯ୍ୟ କରୁଥିଲେ। କୌଣସି କାରଣକୁ ନେଇ ୨୦୧୮ ଅକ୍ଟୋବରରେ ଶ୍ରୀକୃଷ୍ଣ ରମେଶଙ୍କୁ ଏକ କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ରମେଶ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏହାପରଠାରୁ ଶ୍ରୀକୃଷ୍ଣ ଫେରାର ହୋଇଯାଇଥିଲେ। ଏ ନେଇ ରମେଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫୫/୧୮) ରୁଜୁ କରିଥିଲା।

### ଟ୍ରେନ୍‌ରୁ ମୋବାଇଲ ଚୋରି: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୭।୭:** ଟ୍ରେନ୍‌ରୁ ମୋବାଇଲ ଚୋରି ଅଭିଯୋଗରେ କଟକ ଆରପିଏଫ୍ ପୋଲିସ ବୁଧବାର ଜଗତ୍‌ପୁର ଥାନା ଅନ୍ତର୍ଗତ ପୀରବଜାର ଅଞ୍ଚଳର ସେକ୍ ଇର୍ଫାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ଏକ ମୋବାଇଲ ଜବତ ହୋଇଛି। ବୁଧବାର ପୁରୁଷୋତ୍ତମ ଏକ୍ସପ୍ରେସ୍‌ରେ କଟକ ଆସୁଥିବା ରମେଶ ଚନ୍ଦ୍ର ବିଶ୍ୱାଳଙ୍କର କଟକ ଷ୍ଟେଶନରେ ମୋବାଇଲ ଚୋରି ହୋଇଥିଲା। ଏ ନେଇ ସେ ଆରପିଏଫ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଯାଞ୍ଚ କରିବାରୁ ଇର୍ଫାନଙ୍କୁ ପାଖରୁ ଉକ୍ତ ମୋବାଇଲ ବାହାରିଥିଲା।

### କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନାଚକ୍ର

**କଟକ ଅଫିସ, ୧୭।୭:** କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ଜୁଲାଇ ୫ରେ ପାର୍ଲାମେଣ୍ଟରେ ଆଗତ କରାଯାଇଥିବା ବଜେଟ୍ ଉପରେ ଏକ ଆଲୋଚନାଚକ୍ର ବାର୍‌ର ନିଜସ୍ୱ ଗୃହରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଚନ୍ଦ୍ରମୋହନ ଗାଗ ଓ ଅଧିକରଣର ବରିଷ୍ଠ ନ୍ୟାୟିକ ସଦସ୍ୟମାନେ ଯୋଗଦେଇଥିଲେ। ଲକ୍ଷ୍ମୀପ୍ରସାଦ ସାହୁ, ମୁଖ୍ୟ ଆୟକର ଆୟୁକ୍ତ ଦେବେନ୍ଦ୍ର ନାରାୟଣ କର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ତରୁଣ ଅଗ୍ରୱାଲ ଓ ସମୀର ପରିଜା ଯୋଗଦେଇ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ କର ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ନଟବର ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ୩୦ଘଣ୍ଟା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ

**କଟକ ସଦର, ୧୭।୭(ଡି.ଏନ୍.ଏ.):** କନ୍ଦରପୁର ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ପରମହଂସ ୧୧କେଭି ଫିଡରରେ ବୁଧବାର ରାତି ୯ଟା ଅର୍ଥାତ୍ ୩୦ଘଣ୍ଟା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। ବଜ୍ରପାତ ଯୋଗୁ ଫିଡରରେ ତ୍ରୁଟି ଦେଖାଦେଇଥିଲା। ପରମହଂସ, ରଘୁନାଥପୁର, ବମ୍ଫୁରୀ, ଅଥଙ୍ଗା, କଇଜଙ୍ଗା, ମଧଶାସନ, ଗରାମର ୧ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଅନ୍ଧାରରେ ରହିଥିଲେ। ପ୍ରତିବାଦରେ ପରମହଂସ ଅଞ୍ଚଳର ଲୋକେ ସେକ୍ସନ ଅଫିସକୁ ଘେରାଉ କରିଥିଲେ। ପୋପରଡା ଲାଇନ ସହ ପରମହଂସ ପଞ୍ଚାୟତକୁ ସଂଯୋଗ କରିବା ପାଇଁ ଦାବି କରିଥିଲେ।

■ ଫନୀକୁ ଅଢ଼େଇ ମାସ ବିତିଲା

# ବସ୍ତିବାସିନ୍ଦାଙ୍କୁ ମିଳିଲାନି ପାଲ

**କଟକ ଅଫିସ, ୧୭।୭**

ଫନୀ ପ୍ରଭାବରେ କଟକରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଇଛି ବୋଲି ପ୍ରଶାସନ ଡିଣ୍ଡିମ ପିଟୁଛି। ହେଲେ ଫନୀକୁ ଇତିମଧ୍ୟରେ ଅଢେଇ ମାସ ବିତିବାକୁ ବସିଥିଲେ ମଧ କଟକ ସହରର ନଦୀବନ୍ଧ ନିକଟରେ ଥିବା ବ୍ରହ୍ମପୁର ବସ୍ତିରେ ୧୫୦ରୁ ଉର୍ଦ୍ଧ୍ୱ ପରିବାର ପାଲ ଖଣ୍ଡିଏ ପାଇ ନ ଥିବା ଅଭିଯୋଗ ହୋଇଛି। ପ୍ରାୟ ୩୦ ବର୍ଷ ହେବ ଉକ୍ତ ପରିବାର ଲୋକେ ଏଠାରେ ବସବାସ କରୁଛନ୍ତି। ଏହି ବସ୍ତି ଅଞ୍ଚଳ କଟକ ମହାନଗର ନିଗମ(ସିଏମ୍‌ସି)ର ୧୬ ନମ୍ବର ୱାର୍ଡରେ ଆସୁଥିଲେ ମଧ ପ୍ରଶାସନ କିମ୍ବା ସିଏମ୍‌ସି ଅଧିକାରୀଙ୍କ ପାଦ ପଡି ନ ଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। ବସ୍ତିରେ ରହିବା ପାଇଁ ବାସିନ୍ଦାମାନେ ସିଏମ୍‌ସିକୁ ଟ୍ୟାକ୍ସ ପଇଠ କରୁଛନ୍ତି। ଫନୀବେଳେ ଭଲରେ ଖାଇବା ପାଇଁ ବ୍ୟବସ୍ଥା କରାଯାଇ ନ ଥିବାବେଳେ ଉଡି ଯାଇଥିବା ଛପରକୁ ଘୋଡାଇବା ନିମନ୍ତେ ପ୍ରଶାସନ ପକ୍ଷରୁ ପାଲ ମିଳି ନ ଥିବା ସେମାନେ କହିଛନ୍ତି। ପାଲ ଆସିବ କହି ୨ ମାସ ବିତିଗଲା କିନ୍ତୁ ଆସିଲା ନାହିଁ। ମୁଣ୍ଡ ଗୁଞ୍ଜିବା ପାଇଁ ଧାରକରଜ କରି ପାଲ ଓ ଟିଣ କିଣି ଏବେ ରହୁଛୁ ବୋଲି ବସ୍ତିବାସିନ୍ଦା କହିଛନ୍ତି। ସମସ୍ୟା ସମ୍ପର୍କରେ ତହସିଲଦାର ସଞ୍ଜୟ ପ୍ରତିହାରୀ କହିଛନ୍ତି, ଫନୀରେ ସମସ୍ତ ବସ୍ତିବାସିନ୍ଦାଙ୍କୁ ପାଲ ଯୋଗାଇ ଦିଆଯାଇଛି। ଏ ନେଇ ସମ୍ପୂର୍ଣ୍ଣ ବିବରଣୀ ଆମ ପାଖରେ ଅଛି। ଏପରି କି ସହରରେ ସମସ୍ତ ବସ୍ତିବାସିନ୍ଦାଙ୍କୁ ପାଲ ଯୋଗାଇ ଦିଆଯାଇଛି। ଯେଉଁମାନେ ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଏ ନେଇ ସିଏମ୍‌ସି ଅତିରିକ୍ତ କମିଶନର ଜୟନ୍ତ ନାରାୟଣ ଷଡଙ୍ଗୀ କୁହନ୍ତି, ଫନୀ ସମୟରେ ସମସ୍ତ ବସ୍ତିବାସିନ୍ଦାଙ୍କୁ ସିଏମ୍‌ସି ପକ୍ଷରୁ ଖାଇବା, ରହିବା ସମେତ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ଏବେ ଯାହା ଅଭିଯୋଗ ଆସିଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା।

ସେହିପରି ଡେପୁଟି କମିଶନର ଦେବାଶିଷ ମହାନ୍ତି କୁହନ୍ତି, ସିଏମ୍‌ସି ପକ୍ଷରୁ ଆଶ୍ରୟସ୍ଥଳୀରେ ସମସ୍ତ ଲୋକଙ୍କ ଖାଇବା, ରହିବା ସୁବିଧା କରାଯାଇଥିଲା। ଯଦି ସେପରି ଅଭିଯୋଗ ଆସେ ତା' ହେଲେ ସିଏମ୍‌ସି ପକ୍ଷରୁ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ ପଦକ୍ଷେପ ନେବା ନିମନ୍ତେ ଚେଷ୍ଟା କରାଯିବ।

### ଏମାନେ କୁହନ୍ତି...



ବ୍ରହ୍ମପୁର ବସ୍ତିରେ ଆମେ ୩୦ ବର୍ଷ ହେଲା ରହିଛୁ। ତିତ୍‌ଲି, ହୁଦହୁଦ୍, ଫନୀ ଭଳି ବାତ୍ୟାକୁ ଆମେ ଦେଖିଛୁ। ଫନୀ ପରେ ପ୍ରଶାସନିକ ଅଧିକାରୀ ଏଠାକୁ ଗୋଟିଏ ଥର ଆସି ପାଲ ଆସିବ ବୋଲି କହି ଚାଲିଯାଇଛନ୍ତି। ତା'ପରେ ଆଉ ବାବୁମାନଙ୍କର ଦେଖାନାହିଁ।

**-ପରିକ୍ଷିତ ଆପଟ, ବ୍ରହ୍ମପୁର ବସ୍ତିବାସିନ୍ଦା**



ଫନୀକୁ ୨ ମାସରୁ ଉର୍ଦ୍ଧ୍ୱ ସମୟ ବିତିଥିଲେ ମଧ ରହିବା ପାଇଁ ଘର କିମ୍ବା ପାଲ ଆମେ ପାଇନୁ। ମିସ୍ତ୍ରି, କୁଲି କାମ ଓ ମୂଲ ଲାଗିଲେ ବସ୍ତିର ବହୁ ଲୋକଙ୍କ ଘର ଚଳେ। ହେଲେ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଫନୀ ପାଇଁ କୌଣସି ସାହାଯ୍ୟ ସହଯୋଗ ମିଳିନାହିଁ।

**-ସୁଶାନ୍ତ ପ୍ରଧାନ, ବ୍ରହ୍ମପୁର ବସ୍ତିବାସିନ୍ଦା**



ଏହି ବସ୍ତିରେ ରହିବା ନିମନ୍ତେ ବର୍ଷକୁ ବର୍ଷ ଟିକସ ଦେଉଛୁ। ସିଏମ୍‌ସି ପକ୍ଷରୁ ଆମ ବସ୍ତି ନିମନ୍ତେ ହୋଲ୍‌ଡିଂ ନମ୍ବର ମଧ ଦିଆଯାଇଛି। ବାତ୍ୟାରେ ଆମ ଘରଦ୍ୱାର ଉଡିଯାଇଥିଲା। ହେଲେ ପ୍ରଶାସନ ଏ ପର୍ଯ୍ୟନ୍ତ ଆମ ପାଖରେ ପହଞ୍ଚିନି କିମ୍ବା ମୁଣ୍ଡ ଗୁଞ୍ଜିବା ପାଇଁ ପାଲଟିଏ ସାହାଯ୍ୟ କରିନାହିଁ।

**-କୃଷ୍ଣ ବାରିକ, ବ୍ରହ୍ମପୁର ବସ୍ତିବାସିନ୍ଦା**




କେନ୍ଦ୍ର ସରକାରଙ୍କ ଶ୍ରମିକ ଓ ଜନ ବିରୋଧୀ ବଜେଟ ବିରୋଧରେ ଅଲ ଇଣ୍ଡିଆ ଟ୍ରେଡ ୟୁନିୟନ୍ କଂଗ୍ରେସ ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସ୍ମୃତିସଭା



ସମ୍ବାଦପତ୍ର ବିକ୍ରେତା ସଂଘ କର୍ମକର୍ତ୍ତା ଶୋକ ପାଳନ କରୁଛନ୍ତି।

**କଟକ ଅଫିସ, ୧୭।୭**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଏକ ସ୍ମୃତିସଭା ସୋମବାର ସିଡିଏସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମ୍ବାଦପତ୍ର ବିକ୍ରେତା କରୁଣାକର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ଅନୁଷ୍ଠିତ ଶୋକସଭାରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ସଭାରେ ସଂଘ ଉପସଭାପତି ସିନୁ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, ସଂଘର କମିଟି ସଭ୍ୟ ମନୋଜ ପାଲ୍, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ମହାନ୍ତି, ରବି ପାଲ୍, ହରିବନ୍ଧୁ ପ୍ରଧାନ, ବଂଶୀଧର ବେହେରା, ହାଡିବନ୍ଧୁ ବେହେରା ଓ କୁଲୁ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଖବରଦାତାଙ୍କ ଉପରକୁ ହାତ ଉଠାଇ ଅଡୁଆରେ ଏସ୍‌ପି

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)**

ପାଟକୁରା ନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ରାପଡା ଜିଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଖବର ସଂଗ୍ରହ ପାଇଁ ପୂର୍ବାହ୍ନ ୧୦ଟା ସମୟରେ ବାରିମୂଳ ହେଲିପ୍ୟାଡ଼ରେ ଖବରଦାତାଙ୍କ ଭିଡ ଲାଗିଥିଲା। ଖବରଦାତା ଅଜେଶ ମଲ୍ଲୀକ କ୍ୟାମେରାରେ ଫଟୋ ଉଠାଉଥିବା ସମୟରେ ଏସ୍‌ପି ନୀତିଶେଖର ଏହାକୁ ବାରଣ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ବଚସା ହେବା ସହ ଏସ୍‌ପି ଗାଳି ଗୁଲଜ କରିବା ସହ ତାଙ୍କୁ ମାଡ଼ ମାରିବା ପାଇଁ ହାତ ଉଠାଇଥିଲେ। ଉକ୍ତ ଘଟଣାକୁ ଜିଲାର ଦୁଇ ଖବରଦାତା ସଂଘ ସହ ବିଭିନ୍ନ ମହଲରେ କଡା ସମାଲୋଚନା କରାଯାଇଛି। ଖବର ସଂଗ୍ରହ ବେଳେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଏସ୍‌ପି ହାତ ଉଠାଇବାକୁ କିପରି ସାହାସ କଲେ। ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ତଦନ୍ତ କରାଯାଇ ତୁରନ୍ତ ଏସ୍‌ପିଙ୍କ ବଦଳି ଦାବି କରିଛନ୍ତି।

**ଏନ୍‌ଏଚ୍‌ଆରସିରେ ଅଭିଯୋଗ**

ଏ ନେଇ ଜାତୀୟ ମାନବାଧିକାର କମିଶନଙ୍କ (ଏନ୍‌ଏଚ୍‌ଆର୍‌ସି) ନିକଟରେ ଖବରଦାତା ଅଜେଶ ଅଭିଯୋଗ କରିଛନ୍ତି। ସେହିପରି କାର୍ଯ୍ୟରତ ସାମ୍ବାଦିକଙ୍କୁ ଗାଳି ଗୁଲଜ କରିବା ସହ ହାତ ଉଠାଇବା ଘଟଣାରେ ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ତଦନ୍ତ ନିର୍ଦ୍ଦେଶ ଦେବାକୁ ମଧ ବିଭିନ୍ନ ସାମ୍ବାଦିକ ମହଲରୁ ଦାବି ହୋଇଛି।

## ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ

**କଟକ ଅଫିସ, ୧୭।୭**

କଟକ ମହାନଗର ନିଗମରେ ବିଭିନ୍ନ ସମସ୍ୟାକୁ ନେଇ ସିପିଆଇ(ଏମ) ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଟକ ମହାନଗର ନିଗମ ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରିବା ଫଳରେ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଋତୁ ପୂର୍ବରୁ ନିଗମ ପକ୍ଷରୁ ପଙ୍କ ଉଦ୍ଧାର କାର୍ଯ୍ୟ ନ ହେବା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ଲୋକେ କହିଛନ୍ତି। ଏଥିସହ ଜାଇକା ଦୀର୍ଘବର୍ଷ ହେବ କାର୍ଯ୍ୟ ସମାପ୍ତ କରିପାରିନାହିଁ କିନ୍ତୁ ପ୍ରଶାସନ ତା'ଉପରେ କୌଣସି ପଦକ୍ଷେପ ନେଇ ନ ଥିବା ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ ହୋଇଛି। ସହରରେ ଆବର୍ଜନା ଉଠା ନ ଯିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ଡେଙ୍ଗୁ, ମହାମାରୀ, ଜଣ୍ଡିସ, ଝାଡାବାନ୍ତି ବଢିବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି। ଏଥିସହ କମିଶନରଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ବିକ୍ଷୋଭ ସମୟରେ ସିପିଆଇ(ଏମ) ଆଞ୍ଚଳିକ କମିଟି ସମ୍ପାଦକ ପ୍ରତାପ ମହାପାତ୍ର, ଶୁଭା ମହାପାତ୍ର, ରବି ମଲ୍ଲିକ, ମୋହିନୀ ସାମଲ, ପୂର୍ଣ୍ଣଚନ୍ଦ୍ର ସାହୁ, ସେକ୍ ଅବଦୁଲ୍ଲା, ବିଜୟ ସିଂ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଫନୀ ଆଳରେ ଦୁର୍ବୃତ୍ତ କାଟିଦେଲେ ଚାକୁଣ୍ଡା ଗଛ

**କଣ୍ଟାପଡ଼ା, ୧୭।୭(ଡି.ଏନ୍.ଏ.)**

ଫନୀ ଆଳରେ ଫୁଲନଖରା-ନିଆଳି ରାସ୍ତାର ଅଡଶପୁର ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଏକ ଚାକୁଣ୍ଡା ଗଛକୁ ଦୁର୍ବୃତ୍ତମାନେ କାଟି ଦେଇଛନ୍ତି। ଗଛର ସମସ୍ତ ଅଂଶକୁ ନେଇଯାଇଥିବାବେଳେ ଗଛର ମୂଳ ଏବେ ରାସ୍ତାପାର୍ଶ୍ୱରେ ପଡିରହିଛି। ସୂଚନା ଅନୁଯାୟୀ, ଫନୀ ପ୍ରଭାବରେ ଫୁଲନଖରା-ନିଆଳି ରାସ୍ତାପାର୍ଶ୍ୱରେ ଥିବା ଅନେକ ଗଛର ଡାଳ ଭାଙ୍ଗି ଯାଇଥିବାବେଳେ କେତେକ ଗଛ ଉପୁଡିଯାଇଥିଲା। ସେହିପରି ଅଡଶପୁର ବଜାରର କେତେକ ଗଛ ମଧ କ୍ଷତିଗ୍ରସ୍ତ ହୋଇଥିଲା। ଉକ୍ତ ଗଛର କେତେକ ଡାଳ ଭାଙ୍ଗି ଯାଇଥିଲା। ଗଛଟି ଉପୁଡି ଯାଇଥିବା ଦର୍ଶାଇ କେହି ଦୁର୍ବୃତ୍ତ କେତେଜଣ କର୍ମଚାରୀଙ୍କୁ ନେଇ ଗଛକୁ ମୂଳରୁ କାଟି ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁଥିବା ବୃଦ୍ଧାବୃଦ୍ଧମାନେ ଖରା ସମୟରେ ଏହି ଗଛ ତଳେ ବିଶ୍ରାମ ନେଇଥାନ୍ତି। କେଉଁ ଉଦ୍ଦେଶ୍ୟରେ ଏହ ଗଛକୁ କାଟି ଦିଆଗଲା, ସେ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି। ଏ ସମ୍ପର୍କରେ କଣ୍ଟାପଡା ତହସିଲଦାର ଆର୍ତ୍ତତ୍ରାଣ ମଳିକ କୁହନ୍ତି, ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନାହିଁ। ତେବେ କ'ଣ ହୋଇଛି, ଏ ସମ୍ପର୍କରେ ଅଡଶପୁର ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ଅଡଶପୁର ବଜାରରେ ଥିବା ଚାକୁଣ୍ଡା ଗଛକୁ ଦୁର୍ବୃତ୍ତମାନେ କାଟି ଦେଇଛନ୍ତି।

## ୟୁନିକ ଡ୍ୟାନ୍ସ କାର୍ନିଭାଲ

**କଟକ ଅଫିସ, ୧୭।୭**

ବ୍ଲୋଜମ ଡ୍ୟାନ୍ସ ସ୍କୁଲ ପକ୍ଷରୁ ଗୌତମବୁଦ୍ଧଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୁଧବାର ସ୍ଥାନୀୟ ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ୟୁନିକ ଡ୍ୟାନ୍ସ କାର୍ନିଭାଲ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳିଙ୍ଗଶ୍ରୀ ସଂଯୋଜ କୁମାର ସାମନ୍ତରାୟ ସଭାପତିତ୍ୱ କରିଥିବାବେଳେ ନାଟ୍ୟକାର ଅଭୟ କୁମାର ଦାସ ମୁଖ୍ୟଅତିଥି, ଅଭିନେତା ନିମାନନ୍ଦ ପାତ୍ର ମୁଖ୍ୟବକ୍ତା, ସାମାଜିକ କର୍ମୀ ମାଗୁଣୀ ନାୟକ ଓ ସରୋଜ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଶ୍ରେଷ୍ଠ ମା' ଭାବେ ବନ୍ଦିତା ଧଳ, ଚମ୍ପିୟାନ ଭାବେ ଆଦ୍ୟାଶା ବିଶ୍ୱାଳ, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ନରେଶ ମଲ୍ଲିକ, ଶ୍ରେଷ୍ଠ ନୃତ୍ୟ ନିର୍ଦ୍ଦେଶକ ପ୍ରୀତିଲୋକ ରାୟ, ଶ୍ରେଷ୍ଠ ମଡେଲ ମଧୁମିତା ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବ୍ଲୋଜମ ଡ୍ୟାନ୍ସସ୍କୁଲର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଫନୀ କ୍ଷତିପୂରଣ ଦାବିରେ ବିଡିଓଙ୍କୁ ଦାବିପତ୍ର

**ବାରଙ୍ଗ/ ନରାଜ, ୧୭।୭(ଡି.ଏନ୍.ଏ.)**

ଏସ୍‌ୟୁସିଆଇ(ସି) ବାରଙ୍ଗ ଆଞ୍ଚଳିକ କମିଟି ପକ୍ଷରୁ ବାରଙ୍ଗ ବିଡିଓଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାତଦଫା ସମ୍ବଳିତ ଏହି ଦାବିପତ୍ରରେ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବାରଙ୍ଗ ବ୍ଲକବାସୀ ଆବଶ୍ୟକତା ସରକାରୀ ସାହାଯ୍ୟ ପାଇବାରୁ ବଞ୍ଚିତ ହୋଇଥିବାର ଦର୍ଶାଯାଇଛି। ବାତ୍ୟା ଯିବାର ୨ମାସ ବିତିଯାଇଥିଲେ ମଧ କ୍ଷତିଗ୍ରସ୍ତ ବିପନ୍ନ ଏଯାବତ ସହାୟତା ପାଇନାହାନ୍ତି। କେତେକ ସ୍ଥାନରେ କର୍ତ୍ତୃପକ୍ଷ କେବଳ ସର୍ଭେ କରି ବସିଯାଇଥିବାର ଦାବିପତ୍ରରେ ଦର୍ଶାଯାଇଛି। ଯେଉଁମାନଙ୍କର ଘର ଭାଙ୍ଗିଛି ବର୍ଷାହେଲେ ସେମାନେ ବହୁ ହଇରାଣ ହରକତ ହେବେ। ଭୂମିହୀନମାନଙ୍କୁ ଘରଭଙ୍ଗା ସାହାଯ୍ୟ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ, ବାତ୍ୟାରେ ଭାଙ୍ଗିଥିବା ଘରଗୁଡିକର କ୍ଷତିପୂରଣ, ସର୍ଭେ ଓ ରିଲିଫ କାମରେ ଅବହେଳା କରିଥିବା ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଦି ୭ଟି ଦାବି ରହିଛି। ଏସୟୁସିଆଇ(ସି)ବାରଙ୍ଗ ଆଞ୍ଚଳିକ କମିଟିର ସମ୍ପାଦକ ସିଦ୍ଧାର୍ଥ ରଥ, ଆଞ୍ଚଳିକ କମିଟି ସଦସ୍ୟା ଟିକା ସାମଲ, ଆଇନଜୀବୀ ଅରବିନ୍ଦ ବେହେରା, ଭାଗ୍ୟଶ୍ରୀ ପ୍ରଧାନ, ନମିତା ବେହେରା ପ୍ରମୁଖଙ୍କୁ ନେଇ ଗଠିତ ଏକ ପ୍ରତିନିଧିଦଳ ବାରଙ୍ଗ ବ୍ଲକ ବିଡିଓ ଆକୁଳାନନ୍ଦ ମଲ୍ଲିକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଘେରାଉ କରିବାକୁ ଏସୟୁସିଆଇ(ସି) ବାରଙ୍ଗ ଆଞ୍ଚଳିକ କମିଟି ପକ୍ଷର କୁହାଯାଇଛି।



ବିଡ଼ିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଏସ୍‌ୟୁସିଆଇ କର୍ମକର୍ତ୍ତା।

## ବିନା ଏନ୍‌ଓସିରେ ଚାଲିଛି ୧୮ ଘରୋଇ ସ୍କୁଲ

■ ଘରୋଇ ସ୍କୁଲମୁହାଁ ଛାତ୍ରୀଛାତ୍ର

■୮ ସରକାରୀ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ

**ନିଶ୍ଚିନ୍ତକୋଇଲି, ୧୭।୭(ସ୍ୱ.ପ୍ର.)**

ସରକାରୀ ସ୍କୁଲ ପ୍ରତି ପିଲାମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଉଛି। ଏଭଳିକି ସରକାରୀ ବିଦ୍ୟାଳୟରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍ତମ ତାଲିମ୍ ଦିଆଯାଉଛି। ଛାତ୍ରୀଛାତ୍ରଙ୍କୁ ମାଗଣା ବହି, ପୋଷାକ ଯୋଗାଇ ଦେବା ସହ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଛି। ପିଲାଙ୍କ ଉପସ୍ଥାନ ବଢାଇବା ପାଇଁ ପ୍ରୋତ୍ସାହନ ରାଶି ମଧ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ସରକାରୀ ସ୍କୁଲ ପ୍ରତି ଅଭିଭାବକ ଓ ଛାତ୍ରୀଛାତ୍ର ବିମୁଖ ହେଉଥିବା ଦେଖିବାକୁ ମିଳୁଛି । ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ର ବେସରକାରୀ ସ୍କୁଲମୁହାଁ ହେଉଥିବାବେଳେ ଅନେକ ଘରୋଇ ବିଦ୍ୟାଳୟ ବିନା ଏନ୍‌ଓସିରେ ଚାଲୁଛି। ଫଳରେ ପିଲାମାନଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଦାହରଣ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକର ୯ ସ୍କୁଲରେ ଜଣେ ଲେଖାଏଁ ଶିକ୍ଷକ ରହି ୫ଟି ଶ୍ରେଣୀରେ ପାଠ ପଢାଉଛନ୍ତି। ପୂର୍ବରୁ ବ୍ଲକର ୭ଟି ସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍‌ଥିବାରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ବନ୍ଦ କରି ଦିଆଯାଇଥିଲା। ଏସବୁ ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ହୋଇପାରୁ ନଥିବାରୁ ଛାତ୍ରୀଛାତ୍ରମାନେ ବେସରକାରୀ ସ୍କୁଲରେ ନାମ ଲେଖାଉଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକରେ ଦିନକୁ ଦିନ ଘରୋଇ ସ୍କୁଲ ସଂଖ୍ୟା ବୃଦ୍ଧି ପାଇ ଚାଲିଛି।

ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନରେ ୧୪୪ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ୩୯ ଉଚ୍ଚ ବିଦ୍ୟାଳୟ ରହିଛି। ସେଥିରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ୭ ବିଦ୍ୟାଳୟ ବନ୍ଦ କରାଯାଇ ପିଲାଙ୍କୁ ପାଖ ସରକାରୀ ବିଦ୍ୟାଳୟରେ ପାଠ ପଢ଼ାଯାଉଛି। ଏହି ବିଦ୍ୟାଳୟଗୁଡ଼ିକର ଶିକ୍ଷକମାନଙ୍କୁ ଠିକ୍ ଭାବେ ବଦଳି କରାଯାଇନଥିବା ବେଳେ ଆସବାବପତ୍ର ସ୍ଥାନାନ୍ତର କରାଯାଇନାହିଁ। ଫଳରେ ବିଦ୍ୟାଳୟଗୁଡିକ ରକ୍ଷଣା ବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଅପରପକ୍ଷେ ବ୍ଲକର ଫତେପୁର ପ୍ରୋଜେକ୍ଟ ବିଦ୍ୟାଳୟ, ଜୁଲୁକିପଡା ଉର୍ଦ୍ଦୁ ବିଦ୍ୟାଳୟ, ମୁରୁଦାବାଦ ପ୍ରାଥମିକ ବିଦ୍ୟାଳୟ, ଜଗନ୍ନାଥ ପ୍ରୋଜେକ୍ଟ ପ୍ରାଇମେରୀ, କଳମିଶ୍ରୀ ପ୍ରାଇମେରୀ, ଅଢ଼ଙ୍ଗା ପ୍ରାଇମେରୀ, ଗୋବିନ୍ଦପତି ପ୍ରାଇମେରୀ, ଦେବରାଳ ପ୍ରାଇମେରୀ ଓ ଜିମ୍ପିପୁର ପ୍ରାଇମେରୀ ଆଦି ବିଦ୍ୟାଳୟର ୫ଟି ଶ୍ରେଣୀ ପାଇଁ ଜଣେ ଲେଖାଁଏ ଶିକ୍ଷକ ରହିଛନ୍ତି।

ଫଳରେ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିଯୋଗୁ ବ୍ଲକରେ ବେସରକାରୀ ବିଦ୍ୟାଳୟ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବ୍ଲକର ୩୩ ବେସରକାରୀ ସ୍କୁଲ ରହିଛି। ସେଥିରୁ ମାତ୍ର ୧୫ଟି ବିଦ୍ୟାଳୟକୁ ସରକାରୀ ସିକୃତି ମିଳିଛି। ତେବେ ୧୮ ବେସରକାରୀ ବିଦ୍ୟାଳୟ ବିନା ଏନୋସିରେ ଚାଲୁଛି। ମାତ୍ର ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଫଳରେ ପିଲାଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି। ଗୋଟିଏ ପଟେ ପିଲା ନ ଥିବାରୁ ସରକାରୀ ସ୍କୁଲରେ ତାଲା ପଡୁଥିବା ବେଳେ ଅନ୍ୟପଟେ ଗାଁ ଗହଳିରେ ଛତୁ ଫୁଟିଲାଭଳି ଘରୋଇ ଶିକ୍ଷାନୁଷ୍ଠାନ ଖୋଲୁଛି। ବିନା ଏନ୍‌ଓସିରେ ବେସରକାରୀ ବିଦ୍ୟାଳୟ ଚାଲୁଥିବାରୁ ଶିକ୍ଷା ଅଧିକାରୀ ଆଇନ ୨୦୦୯କୁ ଉଲ୍ଲଂଘନ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏହି ନିୟମ ଅନୁସାରେ ଏନ୍‌ଓସି ପାଇନଥିବା ଓ ବେଆଇନ ଭାବେ ଚଳାଉଥିବା ବିଦ୍ୟାଳୟ ନିକଟରୁ ୫ ହଜାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ମାତ୍ର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ କୁହନ୍ତି ସରକାରୀ ବିଦ୍ୟାଳୟ ଗୁଡିକରେ ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଉଛି। ବନ୍ଦ ହୋଇଥିବା ବିଦ୍ୟାଳୟଗୁଡିକର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଡେପୁଟେସନରେ ପଠାଯାଇଛି। ଜଣେମାତ୍ର ଶିକ୍ଷକ ଥିବା ବିଦ୍ୟାଳୟଗୁଡିକରେ ଡେପୁଟେସନରେ ଶିକ୍ଷକ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି। ବେସରକାରୀ ସ୍କୁଲ ଏନ୍‌ଓସି ପାଇବା ଓ ଆବେଦନ କରିବା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଙ୍କ ଉପରେ ନିର୍ଭର କରୁଛି। ଏନ୍‌ଓସି ପାଇନ ଥିବା ବିଦ୍ୟାଳୟ ସମ୍ପର୍କରେ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇନାହିଁ ବୋଲି ବାରିକ କହିଛନ୍ତି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା ।
-କନ୍‌ଫୁସିଅସ୍



## ସଂକ୍ଷେପରେ

### କବାଟ ଭାଙ୍ଗି ଚୋରି

**ଜଟଣୀ, ୧୭। ୭(ଡି.ଏନ.ଏ):** ଜଟଣୀ ଥାନା ଅନ୍ତର୍ଗତ ଗଜପତିନଗର ଅଞ୍ଚଳରେ ପିନାକୀ ପ୍ରସନ୍ନ ଦାସଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ପିନାକୀ ଶୋଇଥିବାବେଳେ ଘର ପଛପଟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ କୋଠରି ମଧ୍ୟରୁ ଏହି ଚୋରି କରିଛନ୍ତି। ଟିଭି, ଦୁଇଟି ମୋବାଇଲ୍, ଗ୍ୟାସ୍ ସିଲିଣ୍ଡର, ଡ୍ରିଲ ମେଶିନ୍, ୫ ହଜାର ଟଙ୍କା ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳ ତଦନ୍ତ କରି ଫେରି ଆସିଛି।

### ଜଳିଗଲା ୫ ଫୁଟପାଥ୍ ଦୋକାନ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)-** ୟୁନିଟ-୨ ମାର୍କେଟ ବିଲ୍ଡିଂ ସଂଲଗ୍ନ ଫୁଟପାଥ୍ ଦୋକାନରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ୫ଟି ଦୋକାନ ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାବେଳେ ପ୍ରାୟ ୫ଲକ୍ଷ ଟଙ୍କାର ରେଡିମେଡ୍ କପଡ଼ା, ବ୍ୟାଗ୍ ଓ ଅନ୍ୟାନ୍ୟ ସାମଗ୍ରୀ ପାଉଁଶ ହୋଇଯାଇଛି। ମଙ୍ଗଳବାର ରାତି ପ୍ରାୟ ସାଢ଼େ ୩ଟାବେଳେ ଏହି ଦୁର୍ଘଟଣା ଘଟିଥିଲା। କୌଣସି କାରଣରୁ ପ୍ରଥମେ ଏକ ବ୍ୟାଗ ଦୋକନରେ ନିଆଁ ଲାଗିଯାଇଥିଲା। ରାତିରେ ଦୋକାନୀମାନେ ଶୋଇଯାଇଥିବାରୁ ଆରମ୍ଭରୁ ଜାଣିପାରି ନ ଥିଲେ। ନିଆଁ ବ୍ୟାପୁଥିବାବେଳେ କେତେଜଣ ଦୋକାନୀ ଉଠିପଡ଼ି ଜୀବନ ବଞ୍ଚାଇବାକୁ ବାହାରକୁ ଦୌଡ଼ିଥିଲେ। ପ୍ଲାଷ୍ଟିକ ବ୍ୟାଗଗୁଡିକ ହୁତୁହୁତୁ ହୋଇ ଜଳିବା ସହ ପାଖ ଦୋକନକୁ ବ୍ୟାପିଯାଇଥିଲା। ପାଖରେ ଥିବା ରେଡିମେଡ୍ କପଡା ଦୋକାନ ସମେତ ଅନ୍ୟ ଦୋକାନ ଆଖିପିଛୁଳାକେ ଜଳିଥିଲା। ନିଆଁକୁ ଆୟତ କରିବାବେଳେ ଦୁଇଜଣ ଦୋକାନୀ ଆହତ ହୋଇଥିଲେ। ତେବେ ଅଗ୍ନିଶମ ବିଭାଗକୁ ଠିକ ସମୟରେ କେହି ଖବର ଦେଇପାରି ନ ଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସରାକରୀ ସହାୟତା ପାଇଁ ସେମାନେ ନିବେଦନ କରିଛନ୍ତି।

### ଦୋକାନରୁ ଗଞ୍ଜେଇ ଜବତ, ସୀତାରାମ ବାବା ଗିରଫ

**ଭୁବନେଶ୍ୱର, ୧୭।୭(ବ୍ୟୁରୋ)-** ସହୀଦନଗର ଥାନା ଅଞ୍ଚଳରେ ୧୫ବର୍ଷ ଧରି ଚୋରା ଗଞ୍ଜେଇ କାରବାର ଚଳାଉଥିବା ସୀତାରାମ ବାବା ଓରଫ ଛବିନାଥ ଭଟ୍ଟଙ୍କୁ ପୁଣି ଥରେ ପୋଲିସ ଗିରଫ କରିଛି। ଏଥିସହ ତାଙ୍କ ନିକଟରୁ ୧ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ସୀତାରାମ ରୁପାଲି ଛକ ଅଞ୍ଚଳରେ ରହି ଚୋରା ଗଞ୍ଜେଇ କାରବାର ଚଳାନ୍ତି। ବିଶେଷକରି ସିତାରାମ ଗଞ୍ଜେଇ ସିଗାରେଟ ବିକ୍ରି କରନ୍ତି। ସେ ଏକ ଦୋକାନ କରି ବେପାର କରିବା ସହ ଏହା ପାର୍ଶ୍ୱରେ ଏକ ମଠ କରି ଭଜନ କୀର୍ତ୍ତନ କରନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୋକାନ ଖୋଲୁଥିବାବେଳେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମିବା ସହ ବେପାର ଚାଲେ। ପୂର୍ବରୁ ମଧ ସେ ଗିରଫ ହୋଇ ଜେଲ୍ ଯାଇଥିଲେ। ଜେଲ୍‌ରୁ ଫେରିବା ପରେ ମଧ ନିଶା କାରବାର ଜାରି ରଖିଥିଲେ। କମିଶନରେଟ ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ ଚାଲିଥିବା ବେଳେ ସିତାରମ ଟାର୍ଗେଟକୁ ଆସିଥିଲେ। ବୁଧବାର ସହୀଦନଗର ଥାନା ପୋଲିସ ଟିମ ତାଙ୍କ ଦୋକାନ ଉପରେ ଚଢ଼ଉ କରି ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ଏ ନେଇ ପୋଲିସ ୩୨୦/୧୯ରେ ଏକ ମାମଲା ରୁଜୁ କରି ପଚରା ଉଚରା ପରେ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

■ ବ୍ରାଉନସୁଗାର ବ୍ୟବସାୟ ବନ୍ଦ ପାଇଁ ଦାବି

# ରାତିରେ ମହିଳା ଘେରିଲେ ଆଦର୍ଶ ଥାନା

**ଖୋର୍ଦ୍ଧା ଅଫିସ,୧୭।୭**



ବ୍ରାଉନସୁଗାର କାରବାର ବନ୍ଦ ଦାବିରେ ମହିଳମାନେ ଥାନା ଘେରାଉ କରିଛନ୍ତି ।

- ■ଦିନରାତି ଘରେ କବାଟ ପିଟୁଛନ୍ତି ସେବନକାରୀ
- ■ ପ୍ରତିବାଦ କଲେ ମିଳୁଛି ଧମକଚମକ
- ■ସୁରକ୍ଷା ଯୋଗାଇବାକୁ ନିବେଦନ

ବ୍ରାଉନସୁଗାର କାରବାର ବନ୍ଦ ଓ ଜୀବନ ପ୍ରତି ବିପଦ ଥିବାରୁ ସୁରକ୍ଷା ଯୋଗାଇବା ଦାବିରେ ଖୋର୍ଦ୍ଧା ଆଦର୍ଶ ଥାନାକୁ ସହରର ୬ ନଂ. ୱାର୍ଡ ସ୍ୱପ୍ନେଶ୍ୱରସାହିର ମହିଳାମାନେ ବୁଧବାର ସନ୍ଧ୍ୟାରେ ଘେରାଉ କରିଥିଲେ। ବ୍ରାଉନସୁଗାର କାରବାର ବନ୍ଦ ନ ହେବାରୁ ବଞ୍ଚିବା ଦୁର୍ବିଷହ ହୋଇ ପଡିଲାଣି ବୋଲି ମହିଳାମାନେ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ କେତେଜଣ ସେବନକାରୀ ବ୍ରାଉନସୁଗାର କିଣିବାକୁ ସ୍ୱପ୍ନେଶ୍ୱରସାହିର ବିଭିନ୍ନ ଲୋକଙ୍କ ଘରର କବାଟ ଦିନର ବିଭିନ୍ନ ସମୟରେ ପିଟୁଛନ୍ତି। ବ୍ରାଉନସୁଗାର ବିକ୍ରିକରା ନ ଯିବା ଶୁଣିବା ପରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। କିଛି କଥା କହିଲେ ବୋମା ପକାଇଦେବୁ, ଗୁଳି କରିଦେବୁ, ଘରେ ନିଆଁ ଲଗାଇ ଦେବୁ, ହତ୍ୟା କରି ଫୋପାଡି ଦେବେ ବୋଲି ଧମକ ଦେଉଛନ୍ତି। ବ୍ରାଉନସୁଗାର କାରବାର ବନ୍ଦ ନେଇ ପ୍ରତିବାଦ କଲେ ବ୍ୟବସାୟୀମାନେ ମଧ ଜୀବନରେ ମାରି ଦେବା ପରି ବିଭିନ୍ନ ପ୍ରକାରର ଧମକଚମକ ଦେଉଛନ୍ତି। ବ୍ରାଉନସୁଗାର ବ୍ୟବସାୟୀ ଓ ସେବନକାରୀଙ୍କ ଧମକରେ ମହିଳାମାନେ ଉତ୍ତେଜିତ ଓ ଅସନ୍ତୋଷ ବ୍ୟକ୍ତ କରି ବୁଧବାର ସନ୍ଧ୍ୟାରୁ ପ୍ରାୟ ୨ ଘଣ୍ଟା ଆଦର୍ଶ ଥାନା ଘେରିଥିଲେ। ଏ ନେଇ ସ୍ଥାନୀୟ ବାସିନ୍ଦା ପଦ୍ମ ଖଟୁଆଳ କୁହନ୍ତି, ଘରେ ଘରେ ବ୍ରାଉନସୁଗାର ବିକ୍ରି ହେଉଛି। ଆଗ ଅପେକ୍ଷା ଏବେ ବ୍ୟବସାୟ ବଢ଼ିଛି। ବିଭିନ୍ନ ଅଞ୍ଚଳର ଲୋକମାନେ ବ୍ରାଉନସୁଗାର କିଣିବାକୁ ଆସି ବିଭିନ୍ନ ଲୋକଙ୍କ ଘରେ ପଶି ଅଶ୍ଳୀଳ ଗାଳିଗୁଲଜ କରୁଛନ୍ତି। ଝିଅ ବୋହୂମାନେ ଏବେ ଭୟରେ କାଳ କାଟୁଛନ୍ତି। ରଜନୀ ବାରିକ କୁହନ୍ତି, ରାତିଅଧରେ କବାଟ ପିଟୁଛନ୍ତି। କବାଟ ଖୋଲିଲେ ବ୍ରାଉନସୁଗାର ମାଗୁଛନ୍ତି, ନ ଦେଲେ ଗଣ୍ଡଗୋଳ, ମାରପିଟ୍ କରୁଛନ୍ତି। ମମତା ରାଓ କୁହନ୍ତି, ପୂର୍ବରୁ ମଦ, ଗଞ୍ଜେଇ ବିକ୍ରି ହେଉଥିଲା। ଏବେ ବ୍ରାଉନସୁଗାର ନିଦ ହଜାଇ ଦେଇଛି। ଏହି ନିଶା କବଳରେ ଛୋଟ ପିଲାମାନେ ପଡିଲେଣି। ବାପା ମା' ମାନେ ପୁଅ ବ୍ରାଉନସୁଗାର ଖାଉଥିବାର ଜାଣି ପାରୁନାହାନ୍ତି। ଏହି ନିଶା ଏବେ ପରିବାର ଉଜାଡିଲାଣି। ଏହାକୁ ତୁରନ୍ତ ବନ୍ଦ କରିବା ଦରକାର। କମଳିନୀ ଖଟୁଆ କୁହନ୍ତି, ବ୍ରାଉନସୁଗାର କାରବାର ବନ୍ଦ ନ ହେଲେ ସାହିରେ ଆଉ ଶାନ୍ତି ଫେରିବନି। ଛୋଟ ଛୋଟ କଥାରେ ମାରପିଟ୍ ଗଣ୍ଡଗୋଳ ଘଟିବ। କେତେବେଳେ ଯେ କ'ଣ ଅଘଟଣ ଘଟିବ କହି ପାରିବେ ନାହିଁ। କାରଣ ବିଭିନ୍ନ ପ୍ରକାରର ଧମକ ଚମକ ଯୋଗୁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇ ରହିଛନ୍ତି।

### ପୋଲିସ ସ୍ଥାଣୁ, ପାଟ୍ରୋଲିଂ ହେଉନି

ସ୍ୱପ୍ନେଶ୍ୱରସାହିର ମହିଳାମାନେ ଥାନା ଘେରାଉ କରିବା ପରେ ପୋଲିସର ଅସଲ ମୁଖା ଖୋଲି ଯାଇଛି। ଆମ ପୋଲିସ ସଭା କରି ପୋଲିସ ଲୋକଙ୍କ ନିକଟତର ହେଉଛି ବୋଲି ଯାହା କହୁଥିଲା ତାହା ମିଥ୍ୟା ବୋଲି ପ୍ରମାଣିତ ହୋଇଛି। ବର୍ଷବର୍ଷ ଧରି ବ୍ରାଉନସୁଗାର କାରବାର ଚାଲିଥିଲେ ମଧ୍ୟ ପୋଲିସର ପଦକ୍ଷେପ ନ ଥିବା ଜଣାପଡିଛି। ସାହିରେ ବ୍ରାଉନସୁଗାର ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏଠାକୁ ପୋଲିସର ପାଟ୍ରୋଲିଂ ଗାଡି ଗଡୁନାହି ବୋଲି ଅଭିଯୋଗ ହେଉଛି। ପୋଲିସ କେବଳ ହାତଗୁଞ୍ଜା ନେଇ ଚୁପ ରହୁଥିବାରୁ ଲୋକ ତା'ର ଦୁର୍ଦ୍ଦଶା ଭୋଗିଲେଣି। ଅନ୍ୟପକ୍ଷେ ଅବକାରୀ ବିଭାଗ ଜିଲା ସଦର ମହକୁମାରେ କାମ କରୁ ନ ଥିବା ପରି ମନେ ହେଉଛି।

### ମହିଳା ବିକୁଛନ୍ତି ବ୍ରାଉନସୁଗାର

ସ୍ୱପ୍ନେଶ୍ୱରସାହି ଏବେ ପାଲଟିଛି ବ୍ରାଉନସୁଗାରର ପେଣ୍ଠସ୍ଥଳ। ଏଠାରେ ୨ଟା ପରିବାର କାରବାରକୁ ସମ୍ଭାଳୁଛନ୍ତି। ଏଠାରୁ ମଠସାହି, ଗୋପିନାଥସାହି, ବରୁଣେଇସାହିକୁ ବ୍ରାଉନସୁଗାର ବିକ୍ରି ପାଇଁ ଯାଉଛି। ପ୍ରତି ସାହିରେ କେତେଜଣ ମହିଳା ଏବଂ ୫ରୁ ୧୦ ଯୁବକ ବ୍ରାଉନସୁଗାର ବିକ୍ରି କରୁଛନ୍ତି। ତେବେ ମହିଳାଙ୍କ ଦଖଲ ଏଠାରେ ବେଶି ରହୁଛି। ମହିଳାମାନେ ଅଧିକ ସଂଖ୍ୟକ ବ୍ୟବସାୟରେ ସାମିଲ ହୋଇଛନ୍ତି। ପାଟି ଫିଟାଇଲେ ପରିସ୍ଥିତି ଭୟାବହ ହେବ ବୋଲି ଧମକ ମିଳୁଛି।

### ବେଗୁନିଆ ମହାବିଦ୍ୟାଳୟର ୪୨ ତମ ପ୍ରତିଷ୍ଠା ଦିବସ



**ବେଗୁନିଆ, ୧୭।୭ (ଡି.ଏନ.ଏ.)**

ବେଗୁନିଆ ମହାବିଦ୍ୟାଳୟକୁ ଇତିମଧ୍ୟରେ ୪୨ ବର୍ଷ ପୂରଣ ହୋଇଛି। ମହାବିଦ୍ୟାଳୟର ସଭାଗୃହ ପରିସରରେ ବୁଧବାର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରଥମ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ବକ୍ତା ଭାବେ ଯୋଗ ଦେଇଥିଲେ। ଅବସର ନେଇଥିବା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶଙ୍କ ସମେତ ବହୁ କର୍ମଚାରୀମାନଙ୍କୁ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨୦୧୮-୧୯ ଶିକ୍ଷାବର୍ଷର ବିଭିନ୍ନ ବିଭାଗର ପ୍ରଥମ ସ୍ଥାନ ହାସଲ କରିଥିବା ଏହି ମହାବିଦ୍ୟାଳୟର ୧୨ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଡ. ମନମୋହନ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

■ ପିଏସ୍‌ସି ପକ୍ଷରୁ ବିଭିନ୍ନ ରେଳଷ୍ଟେଶନ ପରିଦର୍ଶନ

# ଅନୁଧ୍ୟାନ କଲେ ଯାତ୍ରୀଙ୍କ ସେବା

**ଜଟଣୀ, ୧୭।୭(ଡି.ଏନ.ଏ.):**



ଖୋର୍ଦ୍ଧା ରୋଡ ରେଳଷ୍ଟେଶନରେ ପିଏସସି ପକ୍ଷରୁ ଅନୁଧ୍ୟାନ କରାଯାଉଛି ।

ରେଲୱେ ବୋର୍ଡର ପାସେଞ୍ଜର ସର୍ଭିସ କମିଟି(ପିଏସ୍‌ସି) ବୁଧବାର ଖୋର୍ଦ୍ଧାରୋଡ଼, ପୁରୀ, ଭୁବନେଶ୍ୱର ରେଳଷ୍ଟେଶନ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଯାତ୍ରୀଙ୍କ ସହିତ କଥାବାର୍ତ୍ତା ହୋଇ ବିଭିନ୍ନ ସମସ୍ୟା ଉପରେ ବୁଝିଥିଲେ। ଏଥିସହ ଖାଦ୍ୟ ଷ୍ଟଲ, ଭୋଜନ ବ୍ୟବସ୍ଥା, ପାନୀୟ ଜଳର ସୁବିଧା ଆଦି ସେବା ଯାତ୍ରୀଙ୍କୁ ଠିକ୍ ଭାବେ ଉପଲବ୍ଧ ହେଉଛି କି ନାହିଁ କମିଟି ସଦସ୍ୟମାନେ ଅନୁଧ୍ୟାନ କରିଥିଲେ। କମିଟିର ଚେୟାରମ୍ୟାନ ରମେଶ ଚନ୍ଦ୍ର ରତନଙ୍କ ନେତୃତ୍ୱରେ ପଞ୍ଚାନନ ରାଉତ, ବିଷ୍ଣୁପ୍ରସାଦ ଦାସ, ସତ୍ୟବ୍ରତ ଦତ୍ତ, ଭେଙ୍କଟ ରମଣୀ, ରାଜୀବ କୁମାର ଶର୍ମା ପ୍ରମୁଖ ସଦସ୍ୟ ପରିଦର୍ଶନ କରି ନିରୀକ୍ଷଣ କରିଥିଲେ। ପରେ ଜଟଣୀସ୍ଥିତ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ମୁଖ୍ୟଦପ୍ତର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡିଭିଜନର ଡିଆର୍‌ଏମ୍ ଏମ.କେ. ପୋଦାର, ଏଡିଆରଏମ୍ ରାଜକୁମାରଙ୍କ ସମେତ ଡିଭିଜନର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ। ବିଭିନ୍ନ ଷ୍ଟେଶନରେ ସିସିଟିଭି ବ୍ୟବସ୍ଥା, ଉତ୍କୃଷ୍ଟମାନର ପାନୀୟ ଜଳ ଓ ଯାତ୍ରୀସେବା ସହ ଜଡ଼ିତ ଅନ୍ୟାନ୍ୟ ସୁବିଧା ପ୍ରଦାନ ଉପରେ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଯାତ୍ରୀଙ୍କ ସେବାକୁ ଅଧିକ ଗୁରୁତ୍ୱ ଓ ଅଗ୍ରାଧିକାର ଦିଆଯାଉଥିବା ଡିଆରଏମ୍ ପୋଦାର ଆଲୋଚନା ସମୟରେ କହିଥିଲେ। ଏହି କମିଟି ୧୯ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧାରୋଡ଼ ଡିଭିଜନର ବିଭିନ୍ନ ଷ୍ଟେଶନ ପରିଦର୍ଶନ କରି ଯାତ୍ରୀଙ୍କ ସୁବିଧା ଅନୁଧ୍ୟାନ କରିବେ।

### ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୧୭।୭**

ଓଡ଼ିଶାର ପୂର୍ବତନ ମନ୍ତ୍ରୀ, ଭାଜପାର ବର୍ଷୀୟାନ ନେତା ବିଶ୍ୱଭୂଷଣ ହରିଚନ୍ଦନ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ନିଯୁକ୍ତି ପାଇଛନ୍ତି। ଏ ଅବସରରେ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ଏକ ପ୍ରତିନିଧି ଦଳ ଶୁଭକାମନା କରି ବିଶ୍ୱଭୂଷଣଙ୍କ ଭୁବନେଶ୍ୱର ବାସଭବନରେ ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି। ଆନ୍ଧ୍ର ଓଡ଼ିଶା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ତଥା ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେବା ପାଇଁ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ଦଳରେ ପାଞ୍ଚଗଡର ବରପୁତ୍ର କାଳିଚରଣ ଜୟସିଂହ, ଇଞ୍ଜିନିୟର ଶିଶିର କୁମାର ନାୟକ, ଜନାବ୍ ରମଜାନ୍ ଖାଁ, ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିଆରସିଂହ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ହଟନାଥ ମଙ୍ଗରାଜ, ବଳରାମ ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉ କି ୧୮୧୭ ପାଇକ ବିଦ୍ରୋହକୁ ମୋଦି ସରକାର ଯେଭଳି ଗୁରୁତ୍ୱ ଦେଇଥିଲେ ଏବଂ ପାଇକ ଦାୟାଦ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଯେଭଳି ରାଜ୍ୟପାଳ ପଦରେ ନିଯୁକ୍ତି ଦେଲେ ତାହା ପାଇକମାନଙ୍କୁ ଆନନ୍ଦିତ କରିଛି ବୋଲି ମତପ୍ରକାଶ ପାଇଛି।

# ରାସ୍ତାକଡ଼ରେ ପାଇପ ଲାଇନ ଗର୍ତ୍ତ, ଲୋକେ ହୀନସ୍ତା



ପାଇପ ଲାଇନ ବିଛାଇବା ଲାଗି ରାସ୍ତାକଡରେ ଗାତ ଖୋଳାଯାଇଛି ।

**ବେଗୁନିଆ, ୧୭।୭ (ଡି.ଏନ.ଏ.)**

ବେଗୁନିଆ ବ୍ଳକ ଅନ୍ତର୍ଗତ ହୀରାପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଯାଇଥିବା ରାସ୍ତାକଡରେ ପାଇପ ଲାଇନ ପାଇଁ ଗାତ ଖୋଳା ଯାଇଥିଲା। ଏଥିଯୋଗୁ ଯାତ୍ରୀଙ୍କ ଯାତାୟାତରେ ଘୋର ଅସୁବିଧା ହେଉଛି। ଲୋକଙ୍କ ପକ୍ଷରୁ ଅଭିଯୋଗ କଲେ ମଧ ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଜନ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ହୀରାପୁର ଗ୍ରାମବାସୀଙ୍କ ଲାଗି ସରକାରଙ୍କ ପକ୍ଷରୁ ପାନୀୟ ଜଳ ଯୋଗାଣ ପାଇପ ବିଛା ପାଇଁ ଗର୍ତ୍ତ କରାଯାଇଥିଲା। ମାତ୍ର ଦୀର୍ଘଦିନ ହେଲା ରାସ୍ତାକଡରେ ଜନବସତି ଅଞ୍ଚଳରେ ଗର୍ତ୍ତ ଖୋଳି ଛାଡି ଦିଆଯାଇଛି। ଏଥିଯୋଗୁ ଦୁର୍ଘଟଣା ଘଟିବା ସହ ଗୋରୁ ପଡି ଆହତ ହେଉଛନ୍ତି। ଏ ସମ୍ପର୍କରେ ବ୍ଳକ ଜଳଯୋଗାଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ସେନାପତିଙ୍କୁ ପଚାରିବାରେ ପାଇପ ବିଛାଇବାରେ ଅସୁବିଧା ଥିଲା। ତେଣୁ ଏହି କାମ ସରିବା ପରେ ଠିକାଦାରଙ୍କୁ କହି ଗର୍ତ୍ତକୁ ମାଟି ପକାଇ ପୋତି ଦିଆଯିବ ବୋଲି ସେ କହିଛନ୍ତି।



ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ରଥକୁ ଜିଲାପାଳ ଉଦଘାଟନ କରୁଛନ୍ତି ।

### ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରଥର ଶୁଭାରମ୍ଭ

**ଖୋର୍ଦ୍ଧା ଅଫିସ,୧୭।୭:** ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରଥକୁ ଜିଲାପାଳ ସୀତାଂଶୁ କୁମାର ରାଉତ ପତାକା ଦେଖାଇ ବୁଧବାର ଉଦ୍‌ଘାଟନ କରିଛନ୍ତି। ନିକଟରେ ଉପକୃଷି ନିର୍ଦ୍ଦେଶକ ଭାସ୍କର ବାରିକ ଉପସ୍ଥିତ ଥିଲେ। ପ୍ରତି ବ୍ଲକରେ ଗୋଟିଏ ଲେଖାଏ ରଥ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ସଚେତନତା ସୃଷ୍ଟି କରିବ ।

# ବିଜୁ ଯୁବ ବାହିନୀ ପକ୍ଷରୁ ଆବର୍ଜନା ମୁକ୍ତ ଅଭିଯାନ



ଅଭିଯାନରେ ସାମିଲ ଥିବା ବିଜୁ ଯୁବ ବାହିନୀ ଓ ମହିଳା ଗୋଷ୍ଠୀ।

**କୃଷ୍ଣପ୍ରସାଦ,୧୭।୭(ଡି.ଏନ୍.ଏ.)**

ପୁରୀ ଜିଲାପାଳଙ୍କ ସ୍ୱଚ୍ଛ ପରିବେଶ କାର୍ଯ୍ୟକ୍ରମ ଅବସରରେ 'ମୋ ବେଳାଭୂମି' ଯୋଜନାରେ କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ଉପକୂଳସ୍ଥିତ ପର୍ଯ୍ୟଟନ ସ୍ଥଳରୁ ଆବର୍ଜନା ମୁକ୍ତ ପାଇଁ ବୁଧବାର ଅଭିଯାନ ଆରମ୍ଭ ହୋଇଛି । ବିଜୁ ଯୁବ ବାହିନୀ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସଫେଇ କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ ଏବଂ ଯୁବ ବାହିନୀ ବ୍ଲକ ସଂଯୋଜକ ମାନସ କୁମାର ନାୟକଙ୍କ ନେତୃତ୍ୱରେ ଅରଖକୁଦା ପଞ୍ଚାୟତସ୍ଥ ଭାବକୁଣ୍ଡଳେଶ୍ୱର ଦେବଙ୍କ ପୀଠରେ ମହିଳା ସଂଘ ପକ୍ଷରୁ ସଫେଇ ହୋଇଥିଲା। ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ ଏବଂ ଯୁବ ବାହିନୀର ମିଳିତ ସହଯୋଗକ୍ରମେ ସମୁଦ୍ରକୂଳ ସଫେଇ କରାଯାଇଥିଲା । ସେହିପରି ବଡଖାଡ଼, ତିତିପ ପଞ୍ଚାୟତ ଯୁବ ବାହିନୀ ତରଫରୁ ଶ୍ରୀ କମଳେଶ୍ୱର ଦେବଙ୍କ ପୀଠକୁ ସଫାସୁତରା କରାଯାଇଥିଲା । ବଡଖାଡ଼ ସରପଞ୍ଚ ସତ୍ୟବାନ ତରେଇ, ତିତିପ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର, ଗୋମୁଣ୍ଡିଆ ସମିତିସଭ୍ୟ ବିଜୟ କୁମାର ତରେଇ, ସରପଞ୍ଚ ସଞ୍ଜୁଲତା ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ଚନ୍ଦ୍ର ସାହୁ, କେଦାର ନାଥ କର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । କୃଷ୍ଣପ୍ରସାଦ ପଞ୍ଚାୟତରେ ଯୁବ ବାହିନୀ ତରଫରୁ ଘଣ୍ଟିମୁଦା ଘାଟ, ପେଣ୍ଠ ଅଞ୍ଚଳ ସଫେଇ କରାଯାଇଛି। ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ଯୁବ ବାହିନୀ ସଭାପତି ବିପିନ କୁମାର ନାୟକ, ସମ୍ପାଦକ ଅନିଲ କୁମାର ସିଂ ଓ ୫ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଏଥିରେ ସାମିଲ ହୋଇଥିଲେ। ମାଣିକା ପଞ୍ଚାୟତର ମିର୍ଜାପୁର, ସାତପଡ଼ା ପଞ୍ଚାୟତର ଆଳୁପାଟଣା ଆଦି ଅଞ୍ଚଳରୁ ଆବର୍ଜନା ମୁକ୍ତ ସହ ଡଷ୍ଟବିନ୍ ବ୍ୟବହାର କରିବାକୁ ବିଡିଓ ଅଭିମନ୍ୟୁ ମାଝି ପରାମର୍ଶ ଦେଇଥିଲେ ।

# ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ

**ବୋଲଗଡ଼,୧୭।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର ଅଧ୍ୟାପିକା/ଅଧ୍ୟାପକ ଓ ଅତିଥି ମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ୨୦୧୯ ଉଚ୍ଚ ମାଧ୍ୟମିକ ପରିଷଦ ପରୀକ୍ଷା ବିଜ୍ଞାନ ଓ କଳା ଶ୍ରେଣୀରେ ୧୪ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନର ସୁନାମକୁ ବଜାୟ ରଖିଥିବାରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ତପନ କୁମାର ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବୋଲଗଡ଼ ପରମାନନ୍ଦ ମହା ବିଦ୍ୟାଳୟର ଅଧ୍ୟକ୍ଷ ଅନିରୁଦ୍ଧ ପଣ୍ଡା ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଭାଗୀରଥି ସାହୁ, ପୂର୍ବତନ ଛାତ୍ର ତଥା ନାଇଜର ସ୍କଲାର ଲକ୍ଷ୍ମୀଧର ଗୁଆଳ, ଅଧ୍ୟାପକ ମାନସ ବେହେରା, ଅଧ୍ୟାପକ ଭଗବାନ ଜେନା, ଉମାକାନ୍ତ ଓଝା, ସମୀର ଦାସ, ପ୍ରତାପ ବେହେରା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ସମାରୋହରେ ବିଜ୍ଞାନରେ ଟପ୍ପର ପ୍ରିୟଙ୍କା ପଟ୍ଟନାୟକ ଓ କଳାରେ ଟପ୍ପର ସବିନା ବେଗମ୍‌ଙ୍କ ସମେତ କୃତୀ ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ମାନପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ଅଧ୍ୟାପକ ଓଝା ଧନ୍ୟବାଦ ଦେଇଥିଲେ ।





ଅଧ୍ୟାପିକା, ଅଧ୍ୟାପକ ଓ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

### ସାପ କାମୁଡ଼ାରେ ୨ ମୃତ

**ଆଠଗଡ଼,ବଡ଼ମ୍ବା,୧୭।୭ (ସ୍ୱ.ପ୍ର./ଡିଏନ୍.ଏ.)**

ଆଠଗଡ ଓ ବଡ଼ମ୍ବା ଅଞ୍ଚଳରେ ସାପ କାମୁଡାରେ ବୁଧବାର ୨ଜଣଙ୍କ ମୃତ୍ୟୁ ଘଟିଛି। ଆଠଗଡ ବ୍ଲକ ଯୋରନ୍ଦା ପଞ୍ଚାୟତ ଅନ୍ତର୍ଗତ ନାଉରଥ ଗ୍ରାମର ପ୍ରତାପ ନାୟକଙ୍କ ପୁଅ ପପୁ (୧୭) ମଙ୍ଗଳବାର ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସେ ଅଚେତ ହୋଇଯିବାରୁ ଗୋଡ଼ରେ କ୍ଷତ ଚିହ୍ନ ଦେଖି ପରିବାର ଲୋକେ ସାପ କାମୁଡା ସନ୍ଦେହ କରି ଆଠଗଡ଼ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ବାଟରେ ତାଙ୍କର ମୃତ୍ୟୁ ଘଟିଛି। ବଡମ୍ବା ବ୍ଲକର ଜାନିସାହି ଗ୍ରାମର ଶରତ କୁମାର ଜେନାଙ୍କ କନ୍ୟା ଦୀପ୍ତିମଞ୍ଜରୀ ଜେନା (୧୩)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ରାତିରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡି ଦେବାରୁ ସେ ଗୁରୁତର ହୋଇଥିଲେ।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
-କନ୍‌ଫୁସିଅସ୍



## ସଂକ୍ଷେପରେ



### ୩ ଔଷଧ ଦୋକାନରେ ଚଢ଼ାଉ

ଲାଇସେନ୍ସ ନ ଥିବାରୁ ଜଣେ ଦୋକାନୀଙ୍କ ନାମରେ ମାମଲା

**ପୁରୀ ଅଫିସ, ୧୭।୭:** ପୁରୀ ଜିଲାର ବିଭିନ୍ନ ସ୍ଥାନରେ ବିନା ଲାଇସେନ୍ସରେ ଔଷଧ ଦୋକାନ ଚାଲୁଥିବା ଏବଂ ଏକ୍ସପାଏରୀ ଔଷଧ ବିକ୍ରି ହେଉଥିବା ନେଇ ଗଣମାଧମରେ ଖବର ପ୍ରକାଶ ପରେ ଡ୍ରଗ୍ସ ବିଭାଗର ଚେତା ପଶିଛି। ବୁଧବାର ଡ୍ରଗ୍ସ ବିଭାଗ ପକ୍ଷରୁ ପିପିଲି ଓ ହରିରାଜପୁର ମଧ୍ୟସ୍ଥ ଔଷଧ ଦୋକାନଗୁଡ଼ିକ ଉପରେ ଚଢ଼ାଉ କରାଯାଇଛି। କଣ୍ଟିଠାରେ ଏକ ଔଷଧ ଦୋକାନ ବିନା ଲାଇସେନ୍ସରେ ଚାଲିଥିବା ଚଢ଼ାଉ ବେଳେ ଜଣାପଡ଼ିଛି। ଏ ନେଇ ପୁରୀ ଡ୍ରଗ୍ସ ଇନ୍ସପେକ୍ଟର ରୁଦ୍ରନାରାୟଣ ସାହୁ ସମ୍ପୃକ୍ତ ଦୋକାନ ମାଲିକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ପୁରୀ ଡ୍ରଗ୍ସ ବିଭାଗର ଏକ ଟିମ୍ ହରିରାଜପୁର, ବାରିମୂଳ ଓ କଣ୍ଟି ବଜାରରେ ଥିବା ୩ଟି ଔଷଧ ଦୋକାନ ଉପରେ ଚଢ଼ାଉ କରିଥିଲା। କଣ୍ଟିସ୍ଥିତ ବିରଞ୍ଚି ନାରାୟଣ ଦାଶଙ୍କ ଔଷଧ ଦୋକାନର କାଗଜପତ୍ର ଯାଞ୍ଚ ବେଳେ ଏହା ବିନା ଲାଇସେନ୍ସରେ ଚାଲିଥିବା ଜାଣିବାକୁ ପାଇଥିଲେ। ୨୧ଟି ଔଷଧର ନମୁନା ଯାଞ୍ଚ କରାଯାଇଥିଲା। ୨ଟି ଔଷଧ ପରୀକ୍ଷା ଓ ଗବେଷଣା ଲାଗି ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ପଠାଯାଇଛି। ବିନା ଲାଇସେନ୍ସରେ ଦୋକାନ ଚଲାଉଥିବା ନେଇ ଦାଶଙ୍କ ବିରୋଧରେ ଡ୍ରଗ୍ସ ଓ କସ୍‌ମେଟିକ୍ ଆକ୍ଟ ୨ସି କ୍ରମେ କେସ୍ ନଂ. ୧/୧୯ ରୁଜୁ ହୋଇଛି।

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବଳଦ ମୃତ

**ବ୍ରହ୍ମଗିରି, ୧୭।୭(ଡି.ଏନ୍.ଏ.):** ସାତପଡା ଫାଣ୍ଡି ଅନ୍ତର୍ଗତ ବାଘମୁଣ୍ଡାଠାରେ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ବଳଦର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବାଘମୁଣ୍ଡାସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟ ନିକଟରେ ମଙ୍ଗଳବାର ଏକ ନୂଆ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଥିଲା। ଏହି ଖୁଣ୍ଟରେ ତାର ଟଣାଯିବା ପରେ ବୁଧବାର ସକାଳେ ପଞ୍ଚୁ ସାହୁଙ୍କ ଏକ ବଳଦ ବୁଲୁଥିବାବେଳେ ହଠାତ ସେଥିରେ ଲାଗିଯାଇଥିଲା। ଫଳରେ ବଳଦଟି ଘଟଣାସ୍ଥଳରେ ମୃତ୍ୟୁ କରିଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା।

■ ପୁରୀ ଷ୍ଟେଶନ ଅନୁଧ୍ୟାନ କଲେ ପିଏସ୍‌ସି ଟିମ୍

# ସ୍ୱଚ୍ଛତା, ପାନୀୟଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱ

■ଫୁଡ୍ ପ୍ଲାଜାକୁ ୧୦ ହଜାର, ଠିକାଦାରଙ୍କୁ ୨୫ହଜାର ଜରିମାନା
■୩ ଦିନ ମଧ୍ୟରେ ପ୍ଲାଟଫର୍ମ ମରାମତି ଲାଗି ନିର୍ଦ୍ଦେଶ
■ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ
■ସିଦ୍ଧ ମହାବୀର ଓଭରବ୍ରିଜ ନିର୍ମାଣ, କୋଣାର୍କକୁ ରେଳପଥ ସହ ଯୋଡ଼ିବାକୁ ଦାବି

**ପୁରୀ ଅଫିସ, ୧୭।୭**

ଭାରତୀୟ ରେଳ ମନ୍ତ୍ରଣାଳୟର ପାସେଞ୍ଜର ସର୍ଭିସ କମିଟି(ପିଏସ୍‌ସି) ୫ଦିନ ଓଡ଼ିଶା ଗସ୍ତରେ ଆସିଛନ୍ତି। ବୁଧବାର ପୂର୍ବାହ୍ନରେ ଏହି ଟିମ୍ ଭୁବନେଶ୍ୱର, ଖୋର୍ଦ୍ଧାରୋଡ଼ ଏବଂ ଅପରାହ୍ନରେ ପୁରୀ ଷ୍ଟେଶନ ଅନୁଧ୍ୟାନ କରିଛନ୍ତି। କମିଟି ଚେୟାରମ୍ୟାନ ରମେଶ କୁମାର ରନ୍‌ଙ୍କ ନେତୃତ୍ୱରେ ପଞ୍ଚାନନ ରାଉତ, ସତ୍ୟବ୍ରତ ଦତ୍ତ, ଭେଙ୍କଟରମଣୀ, ରାଜୀବ କୁମାର ଶର୍ମା ପ୍ରମୁଖ ୫ଜଣିଆ ଟିମ୍ ଅପରାହ୍ନ ୫ଟାରେ ପୁରୀ ଷ୍ଟେଶନରେ ପହଞ୍ଚିଥିଲେ। ପ୍ରଥମେ ସେମାନେ ଷ୍ଟେଶନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ଷ୍ଟେଶନ ପରିସର ବୁଲି ଦେଖିବା ସହ ପ୍ଲାଟଫର୍ମରେ ସ୍ୱଚ୍ଛତା ଓ ୨୪ଘଣ୍ଟିଆ ପାନୀୟଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ଯାତ୍ରୀମାନଙ୍କୁ ବିଭିନ୍ନ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଟିକେଟ କାଉଣ୍ଟର, ଇନକ୍ୱାରୀ, ପ୍ରତୀକ୍ଷା କକ୍ଷ ଏବଂ ଆଇସିଟିସି ଦ୍ୱାରା ପରିଚାଳିତ ଫୁଡ ପ୍ଲାଜା ରୋଷେଇ ଘର ଅନୁଧ୍ୟାନ କରିଥିଲେ। ଫୁଡ୍ ପ୍ଲାଜା ଦ୍ୱାରା ଦିଆଯାଉଥିବା ଜନତା ମିଲ୍‌ରେ ଏକ୍ସପାଏରୀ ତାରିଖ ଏବଂ ମୂଲ୍ୟ ଦର୍ଶାଯାଇ ନ ଥିବାରୁ କର୍ତ୍ତୃପକ୍ଷଙ୍କୁ ୧୦ହଜାର ଟଙ୍କା ଏବଂ ଦ୍ୱିତୀୟ ଶ୍ରେଣୀ ମହିଳା ପ୍ରତୀକ୍ଷା ଗୃହ ଓ ଶୌଚାଳୟ ନିୟମିତ ସଫେଇ କରାଯାଉ ନ ଥିବାରୁ ସମ୍ପୃକ୍ତ ଠିକାଦାରଙ୍କୁ ୨୫ହଜାର ଟଙ୍କା ଜରିମାନା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୩ଦିନ ମଧ୍ୟରେ ପ୍ଲାଟଫର୍ମର ଖାଲଢିପ ମରାମତି କରିବାକୁ କହିଛନ୍ତି।

ଏହି ଅବସରରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଉକ୍ତ ଟିମ୍‌କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି ଟିମ୍‌କୁ ଭେଟି ଷ୍ଟେଶନର ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇବା ସହ ସିଦ୍ଧ ମହାବୀର ରେଲୱେ ଫାଟକ ନିକଟରେ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରିଥିଲେ। ଧର୍ମରକ୍ଷା ଫାଉଣ୍ଡେଶନ ଆବାହକ ଶରତ ଜୟସିଂ ସିଦ୍ଧ ମହାବୀର ଫ୍ଲାଏ ଓଭରବ୍ରିଜ, ଯାତ୍ରୀନିବାସ, ମେଡିକାଲ ସୁବିଧା ଏବଂ କୋଣାର୍କକୁ ରେଳପଥ ସହିତ ସଂଯୋଗ କରିବାକୁ ଦାବି ଜଣାଇଥିଲେ। ସେହିପରି ଶ୍ରୀକ୍ଷେତ୍ର ଜର୍ନାଲିଷ୍ଟ ଫୋରମ୍ ପକ୍ଷରୁ ୧୦ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଥିଲା। ଷ୍ଟେଶନ ପରିସରରେ ଆମ୍ବୁଲାନ୍ସ, ଫୁଟ ଓଭରବ୍ରିଜ ନିର୍ମାଣ, ପ୍ଲାଟଫର୍ମକୁ ଉଚ୍ଚ କରିବା, ଛାତ ନିର୍ମାଣ, ଜିଆର୍‌ପି ଥାନା ପ୍ରତିଷ୍ଠା, ପାର୍କିଂ ସ୍ଥାନ, ପାନୀୟଜଳ ବ୍ୟବସ୍ଥା, ଶିଶୁଙ୍କ ସୁରକ୍ଷା ଓ ଥଇଥାନ ପାଇଁ ଦାବି ଉପସ୍ଥାପନ ହୋଇଛି। କମିଟି ଚେୟାରମ୍ୟାନ ରନ୍ କହିଥିଲେ, ଆମ ଟିମ୍ ପୁରୀ ଷ୍ଟେଶନ ଅନୁଧ୍ୟାନ କରିଛି। ଏ ସଂକ୍ରାନ୍ତ ରିପୋର୍ଟ ରେଳ ମନ୍ତ୍ରଣାଳୟକୁ ପ୍ରଦାନ କରାଯିବ। ବିଭିନ୍ନ ସଂସ୍ଥା ସିଦ୍ଧ ମହାବୀର ଫ୍ଲାଏ ଓଭରବ୍ରିଜ ନିର୍ମାଣ ଲାଗି ଦାବି କରିଛନ୍ତି। ଏଥିସହ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହା ଉପରେ ତର୍ଜମା କରାଯିବ। ଯାତ୍ରୀଙ୍କ ସୁବିଧା ପ୍ରତି ରେଳ ବିଭାଗ ଗୁରୁତ୍ୱ ଦେଉଛି। କେନ୍ଦ୍ର ସରକାର ଯାତ୍ରୀଙ୍କ ସୁରକ୍ଷା, ସମସ୍ତ ସୁବିଧା ପ୍ରଦାନ ଲାଗି ପ୍ରତିଶ୍ରୁତିବଦ୍ଧ। ଏଠାରେ ରହିଥିବା ସମସ୍ୟା ସମ୍ପର୍କରେ କମିଟି ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ସୁପାରିଶ କରାଯିବ।



ପିଏସ୍‌ସି ଅଧ୍ୟକ୍ଷ ଏବଂ ସଦସ୍ୟମାନେ ପୁରୀ ଷ୍ଟେଶନ ବୁଲି ଦେଖୁଛନ୍ତି।





ଅଧିବେଶନରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଅନ୍ୟ ଅତିଥି।

■ ରାଷ୍ଟ୍ରୀୟ ଅଧିବେଶନ ଉଦ୍‌ଘାଟିତ

# ଭବ୍ୟ ଭାରତ ନିର୍ମାଣ ଲାଗି ଶଙ୍କରାଚାର୍ଯ୍ୟଙ୍କ ଆହ୍ୱାନ

**ପୁରୀ ଅଫିସ, ୧୭।୭**

ଆମ ସମ୍ବିଧାନ ହେଉଛି ଧର୍ମ ନିରପେକ୍ଷ। ଏହାଦ୍ୱାରା ଆମ ଧାର୍ମିକ ବିଧି ବ୍ୟବସ୍ଥା ଓ ପୀଠସ୍ଥଳକୁ ପାରମ୍ପରିକ ଢଙ୍ଗରେ ଚଳାଇବା ସହଜ ନୁହେଁ। ତେଣୁ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବାକୁ ହେଲେ ସମ୍ବିଧାନକୁ ଧର୍ମର ଅନୁରୂପ ହେବାକୁ ପଡ଼ିବ ବୋଲି କହିଛନ୍ତି ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ।

ବୁଧବାର ପୀଠରେ ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ପୀଠ ପରିଷଦ ଏବଂ ରାମରାଜ୍ୟ ପରିଷଦର ଦୁଇଦିନିଆ ରାଷ୍ଟ୍ରୀୟ ଅଧିବେଶନକୁ ଉଦ୍‌ଘାଟନ କରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଥିଲେ, ଆମକୁ ଭବ୍ୟ ଭାରତ ନିର୍ମାଣ କରିବାକୁ ହେବ। ଏଥିଲାଗି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ, ପୀଠ ପରିଷଦ ଏବଂ ରାମରାଜ୍ୟ ପରିଷଦ ଭଳି ସଙ୍ଗଠନ ଏ ଦିଗରେ କାମ କରିବାକୁ ଶଙ୍କରାଚାର୍ଯ୍ୟ ପରାମର୍ଶ ଦେଇଥିଲେ। ଏହି ଅଧିବେଶନରେ ଆନନ୍ଦ ବାହିନୀର ରାଷ୍ଟ୍ରୀୟ ଅଧ୍ୟକ୍ଷା ପ୍ରଫେସର ଇନ୍ଦିରା ଝା, ଛତିଶଗଡ଼ର ଅବଦେଶ ନନ୍ଦନ ଶ୍ରୀବାସ୍ତବ ପ୍ରମୁଖ ଯୋଗଦେଇ ସଙ୍ଗଠନଗୁଡ଼ିକର କଳେବର ବୃଦ୍ଧି ସମ୍ପର୍କରେ ମତ ରଖିଥିଲେ। ଆଜିକାଲି ପ୍ରତ୍ୟେକ ସଙ୍ଗଠନ କୌଣସି ନା କୌଣସି ରାଜନୈତିକ ଦଳର ବଶବର୍ତ୍ତୀ ହୋଇ କାମ କରୁଛନ୍ତି। କିନ୍ତୁ ଆମେ କାହାର ବଶବର୍ତ୍ତୀ ହେବା ନାହିଁ। ନିରପେକ୍ଷ ଏବଂ ନିରବଚ୍ଛିନ୍ନ ଭାବେ ରାଷ୍ଟ୍ର ରକ୍ଷା ଦିଗରେ କାମ କରିବା ଲାଗି ସେମାନେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅଧିବେଶନରେ ଓଡ଼ିଶା ସମେତ ୧୫ଟି ରାଜ୍ୟରୁ ୫୦୦ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ପୀଠ ମୁଖପାତ୍ର ମନୋଜ କୁମାର ରଥ ଏବଂ ଆଦିତ୍ୟ ବାହିନୀ ସଭାପତି ଜିତେନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅଧିବେଶନ ଗୁରୁବାର ଉଦ୍‌ଯାପନ ହେବ।

## ଅସ୍ତରଙ୍ଗ-ନୂଆଗଡ଼ ରାସ୍ତା କଡ଼ରେ ରୋପଣ ହେବ ୧ହଜାର ଚାରା

**କାକଟପୁର, ୧୭।୭(ଡି.ଏନ୍.ଏ.)**

ଅସ୍ତରଙ୍ଗର ଦୁର୍ଗା କ୍ଲବ୍‌ଠାରେ ବୁଧବାର ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରୀ ଡିଏଫଓ ହର୍ଷବର୍ଦ୍ଧନ ଉଦ୍‌ଗାତା ଅତିଥି ଭାବେ ଯୋଗଦେଇ ଅସ୍ତରଙ୍ଗ-ନୂଆଗଡ଼ ରାସ୍ତାର ଦୁଇପାର୍ଶ୍ୱରେ ପ୍ରାୟ ୧ହଜାର ଚାରା ରୋପଣ କରାଯିବ ବୋଲି କହିଛନ୍ତି। ଡିଏଫଓଙ୍କ ସମେତ ପୂର୍ବତନ ପିସିସିଏଫ ତଥା ଓଡ଼ିଶା ଲୋକାୟୁକ୍ତର ସଦସ୍ୟ ଦେବବ୍ରତ ସ୍ୱାଇଁ, ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ଦାୟିତ୍ୱରେ ଥିବା କୋଣାର୍କ ରେଞ୍ଜର ଆଦିତ୍ୟ କୁମାର ମିଶ୍ର, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ସାମାଜିକ କର୍ମୀ ଶୋଭାକର ବେହେରା, ବନପାଳ ବିଜୟଲକ୍ଷ୍ମୀ ବଳ, ସଞ୍ଜୟ ମଲ୍ଲିକ, ମାନସ ବେହେରା ପ୍ରମୁଖ ଯୋଗଦେଇ ଫନୀରେ ଧ୍ୱଂସ ହୋଇଥିବା ସବୁଜିମାକୁ ଫେରାଇ ଆଣିବାକୁ ଆହ୍ୱାନ ଦେଇଥିଲେ। ଦୁର୍ଗାକ୍ଲବ ସଭାପତି ଦୁଷ୍ମନ୍ତ ପରିଡା ମହୋତ୍ସବରେ ଅଧ୍ୟକ୍ଷତା ଓ ସମ୍ପାଦକ ଦିବ୍ୟଦର୍ଶୀ ବିଶ୍ୱାଳ ଉତ୍ସବ ପରିଚାଳନା କରିଥିଲେ। ଶେଷରେ ରାସ୍ତାପାର୍ଶ୍ୱରେ ଅତିଥିମାନେ ଚାରାରୋପଣ କରିଥିଲେ।



ଅତିଥିଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଉଛି।

## ସାହିତ୍ୟ ଆସର, ଶ୍ରୀଜଗନ୍ନାଥ ତତ୍ତ୍ୱ ଆଲୋଚନାଚକ୍ର

**ପୁରୀ ଅଫିସ, ୧୭।୭**

ଶ୍ରୀକ୍ଷେତ୍ର ସାହିତ୍ୟ ସଂସଦ ଆନୁକୂଲ୍ୟରେ ସର୍ବମଙ୍ଗଳା ପାଠଗାର ପରିସରରେ ଏକ ସାହିତ୍ୟ ଆସର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ହରେକୃଷ୍ଣ ପ୍ରଧାନୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସଦାଶିବ ମିଶ୍ର ଓ ସମ୍ମାନିତ ଅତିଥି ଭାବେ କବି ସୁରେଶ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ପାଦକ ରବୀନ୍ଦ୍ରନାଥ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଶୀର୍ଷକ ଆଲୋଚନା କରାଯାଇଥିଲା। ଯୁବ କବି ମିଲନ୍‌ଜିତ ମହାନ୍ତିଙ୍କ ସଂଯୋଜନାରେ କବିତା, ଗଳ୍ପ ଓ ପ୍ରବନ୍ଧ ପାଠୋତ୍ସବ ଆୟୋଜିତ ହୋଇଥିଲା। ବିଜୟ କୁମାର ଛାଟୋଇ, ମାନସ ରଞ୍ଜନ ପଟ୍ଟନାୟକ, ମନୋରମା ଛାଟେଇ ପ୍ରମୁଖ କବିତା ଓ ଗଳ୍ପ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ କବି, ଲେଖକ, ସାହିତ୍ୟିକ ଯୋଗ ଦେଇଥିଲେ। ଆଚାର୍ଯ୍ୟ ବିଜୟ କୁମାର ଛାଟେଇ ଧନ୍ୟବାଦ ଅର୍ପଣ କରିଥିଲେ।

■ ଚାଷଜମିକୁ ଯାଇପାରୁନାହାନ୍ତି ଚାଷୀ

## ଜିଲାପାଳଙ୍କୁ ଅଭିଯୋଗ ଜଣାଇଲେ

**ପୁରୀ ଅଫିସ, ୧୭।୭**

ପୁରୀ ଜିଲା ଡେଲାଙ୍ଗ ତହସିଲ ଅଞ୍ଚଳରେ ପଥର ଖଣି ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ସେମାନେ ସରକାରୀ ଜାଗାରେ ମାଙ୍କଡ଼ା ପଥର କାଟିବା ସହ ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ପାଖରେ ପହଞ୍ଚିଗଲେଣି। ପଥର କାଟି ଗର୍ତ୍ତ ସୃଷ୍ଟି କରିବା ଫଳରେ ଅପରପାର୍ଶ୍ୱ ଜମିକୁ ସମ୍ପୃକ୍ତ ଜମି ମାଲିକମାନେ ଯାଇପାରୁନାହାନ୍ତି । ଏ ନେଇ ଖଣି ମାଫିଆଙ୍କୁ କହିଲେ ସେମାନେ କିଛି ନ ଶୁଣି ଧମକଚମକ ଦେଉଛନ୍ତି ବୋଲି ଯମୁନା ଗ୍ରାମର କେତେକ ଲୋକେ ବୁଧବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି । ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ଯମୁନା ଖାରପଡ଼ା ମୌଜାର ପ୍ରାୟ ୪୦ଜଣ ଚାଷୀ ନିଜ ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ସେମାନଙ୍କ ଜମିକୁ ଲାଗି ସରକାରୀ ଜଙ୍ଗଲ ରହିଛି। ଏଥିରୁ ମଧ୍ୟ ସେମାନେ ଉପକୃତ ହୋଇଥାନ୍ତି। ହେଲେ ଏକାଧିକ ଖଣି ମାଫିଆ ଜେସିବି, ପଥରକଟର ମେଶିନ ଲଗାଇ ଉକ୍ତ ସରକାରୀ ଜମିରୁ ପଥର କାଟୁଛନ୍ତି। ପ୍ରାୟ ୪/୫ ଫୁଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଜମିକୁ ଯିବା ରାସ୍ତା ବନ୍ଦ ହୋଇଯାଇଛି। ପଥର କଟାଯାଉଥିବା ଜାଗା ଗୋଚର ଏବଂ ଜଙ୍ଗଲ କିସମ । ଏଥିସହ ସର୍ବସାଧାରଣ ରାସ୍ତାରେ ମଧ୍ୟ ପଥର କଟାଯାଉଛି, ଯାହା ଏହା ସରକାରୀ ନିଲାମଭୁକ୍ତ ନୁହେଁ। ତେଣୁ ଏଥିରେ ହସ୍ତକ୍ଷେପ କରି ସେମାନଙ୍କ ଉଚିତ ନ୍ୟାୟ ଦେବାକୁ ଜିଲାପାଳଙ୍କୁ ଅନୁରୋଧ ଜଣାଇଛନ୍ତି। ଏ ସମ୍ପର୍କରେ ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର ଆଚାର୍ଯ୍ୟଙ୍କୁ ପଚାରିବାରେ କହିଛନ୍ତି, ଗ୍ରାମବାସୀ ଏ ବିଷୟରେ ଲିଖିତ ଭାବେ ଜଣାଇଛନ୍ତି। ମଝିରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହାକୁ ବନ୍ଦ କରିଥିଲୁ। ଏହାପରେ ନିର୍ବାଚନ ଏବଂ ଅନ୍ୟାନ୍ୟ ପର୍ବପର୍ବାଣି ପଡ଼ିଗଲା। ଏଇ ୨/୩ ଦିନ ମଧ୍ୟରେ ପୁଣି ତାହାକୁ ବନ୍ଦ କରିଦେବୁ।

## ଦ୍ୱିତୀୟ ହିଂସା ପାଇଁ ବାଟ ଫିଟା ନ ଯାଉ: କଂଗ୍ରେସ

**ପୁରୀ ଅଫିସ, ୧୭।୭**

ନୋ ପାର୍କିଂ ଓ ନୋ ଭେଣ୍ଡିଂ ଜୋନ ଏବଂ ୱାନ୍‌ୱେ ଟ୍ରାଫିକ ବ୍ୟବସ୍ଥାକୁ ନେଇ ବିରୋଧ ତେଜିବାରେ ଲାଗିଛି। ପୁରୀ ଜିଲା କଂଗ୍ରେସ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛି। ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର କହିଛନ୍ତି, ରାତିଅଧିଆ ଏଭଳି ନିଷ୍ପତ୍ତି ନେଇ ଦ୍ୱିତୀୟ ହିଂସା ପାଇଁ ବାଟ ଫିଟା ନ ଯାଉ। ବରଂ ଆଲୋଚନା ମାଧ୍ୟମରେ ସମସ୍ତଙ୍କ ମତ ଗ୍ରହଣ କରି ନିଷ୍ପତ୍ତି ନିଆଯାଉ। ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା ଯୋଗୁ ବହୁ ଉଠାଦୋକାନୀ ପ୍ରଭାବିତ ହୋଇଛନ୍ତି। ଅନେକ ସାହିର ବାସିନ୍ଦା ଯାତାୟାତରେ ହଇରାଣ ହେଉଥିବାବେଳେ ବିବାହ ଆଦି ଉତ୍ସବର ଶୋଭାଯାତ୍ରା ମଧ୍ୟ ହୋଇପାରିବ ନାହିଁ। ତେବେ ସିଂହଦ୍ୱାର ନିକଟରେ ଦୋକାନୀଙ୍କୁ ନ ବସାଇବା, ମନ୍ଦିର ଚାରିପାଖ ଓ ସିଂହଦ୍ୱାର ସମ୍ମୁଖରେ ଗାଡ଼ି ପାର୍କିଂ ନ କରିବା ଲାଗି ପ୍ରଶାସନର ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ସେ କହିଛନ୍ତି।

ସେହିପରି ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ମଧ୍ୟ ଏହାକୁ ବିରୋଧ କରିଛନ୍ତି।

## ୨୪୩ ସ୍କୁଲକୁ ମିଳିନି କମ୍ପ୍ୟୁଟର

**ଗୋପ, ୧୭।୭(ଡି.ଏନ୍.ଏ.)**

■୧୧ ସ୍କୁଲକୁ ମିଳିଛି
■ବିନା ଶିକ୍ଷକରେ ଚାଲିଛି ପାଠପଢ଼ା

ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଓ ପ୍ରଯୁକ୍ତି ଜ୍ଞାନ ପ୍ରଦାନ ପାଇଁ ସରକାର ପ୍ରାଥମିକ ବିଦ୍ୟାଳୟ ସ୍ତରରୁ କମ୍ପ୍ୟୁଟର ଶିକ୍ଷା ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ପ୍ରତି ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇଦିଆଯାଉଛି। କିନ୍ତୁ ଗୋପ ବ୍ଲକ୍‌ରେ ମାତ୍ର ୧୧ଟି ସ୍କୁଲକୁ କମ୍ପ୍ୟୁଟରୀକରଣ କରାଯାଇଥିବାବେଳେ ଅନ୍ୟ ୨୪୩ଟି ସ୍କୁଲକୁ କମ୍ପ୍ୟୁଟର ଆସିପାରି ନ ଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ଅନ୍ୟପଟେ କମ୍ପ୍ୟୁଟର ଥିବା ୧୧ଟି ସ୍କୁଲରେ କମ୍ପ୍ୟୁଟର ଶିକ୍ଷକଙ୍କ ଅଭାବ ଯୋଗୁ ଆସିଥିବା କମ୍ପ୍ୟୁଟର ଏକ ଘରେ ବନ୍ଧା ହୋଇ ପଡିଛି।

ସୂଚନା ମୁତାବକ, ରାଜ୍ୟ ସରକାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଓଡ଼ିଶା ଶିକ୍ଷା ମିଶନ ପକ୍ଷରୁ ଇନ୍‌ଫରମେଶନ୍ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି (ଆଇସିଟି) ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଗୋପ ବ୍ଲକ୍‌ରେ ଏହି ଯୋଜନା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି। ବ୍ଲକ୍‌ରେ ଥିବା ୨୫୪ଟି ବିଦ୍ୟାଳୟରୁ କେବଳ ୧୧ଟି ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି। ବଳକା ୨୪୩ ବିଦ୍ୟାଳୟକୁ ଗୋଟିଏ ବି କମ୍ପ୍ୟୁଟର ଦିଆଯାଇ ନାହିଁ । ଏଗୁଡ଼ିକ ଓଡ଼ିଶା ମାଧ୍ୟମିକ ଶିକ୍ଷା ମିଶନ ପକ୍ଷରୁ ଆଇସିଟି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଓଡ଼ିଶା ନଲେଜ କର୍ପୋରେଶନ ଓକେସିଏଲ୍ ଲିଃ. ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏହି ଯୋଜନା ଅନୁସାରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଓ ଆନୁସଙ୍ଗିକ ଉପକରଣ ଯୋଗାଇ ଦିଆଯିବା ସହ ଏହାକୁ ଚାଲୁ କରିବା ନିମନ୍ତେ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହାସହ ଯେଉଁ ୧୧ଟି ବିଦ୍ୟାଳୟରେ କମ୍ପ୍ୟୁଟର ଅଛି, ସେଠାରେ କମ୍ପ୍ୟୁଟର ଶିକ୍ଷା ଦେବା ପାଇଁ ଶିକ୍ଷକ ନାହାନ୍ତି। ଫଳରେ କମ୍ପ୍ୟୁଟର ଥାଇ ବି ଛାତ୍ରୀଛାତ୍ର ଠିକ ଭାବେ କମ୍ପ୍ୟୁଟର ଶିକ୍ଷା ପାଇ ପାରୁନାହାନ୍ତି। ଖୋଦ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିର୍ବାଚନମଣ୍ଡଳୀରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରୁ ନ ଥିବାବେଳେ ସାରା ରାଜ୍ୟରେ କେଉଁଭଳି ଭାବେ ଶିକ୍ଷା ବ୍ୟବସ୍ଥା ଚାଲିଥିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ମନ୍ତ୍ରୀ ସମୀର ଦାଶ କୁହନ୍ତି, ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ଯେଉଁ ବିଦ୍ୟାଳୟରେ କମ୍ପ୍ୟୁଟର ଥାଇ ଶିକ୍ଷକ ନାହାନ୍ତି ସେଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ନିଯୁକ୍ତ କରାଯିବ ଏବଂ କମ୍ପ୍ୟୁଟର ନ ଥିବା ସ୍କୁଲଗୁଡିକରେ ମଧ୍ୟ ଯୋଗାଇବା ପାଇଁ ଶିକ୍ଷା ବିଭାଗଙ୍କ ସହ କଥା ହେବି ବୋଲି କହିଛନ୍ତି।

■ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ହେବ ନୋ ପାର୍କିଂ, ନୋ ଭେଣ୍ଡିଂ ଜୋନ୍

# ୱାନ୍‌ୱେ ଟ୍ରାଫିକ ବ୍ୟବସ୍ଥା ଲାଗୁ, ହଟିଲେ ଉଠାଦୋକାନୀ

**ପୁରୀ ଅଫିସ, ୧୭।୭**

ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁବିଧାଜନକ ଯାତାୟାତ ଲାଗି ଜିଲା ପ୍ରଶାସନ ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ନୋ ପାର୍କିଂ ଏବଂ ନୋ ଭେଣ୍ଡିଂ ଜୋନ କରିବାକୁ ନିଷ୍ପତ୍ତି ନେଇଛି। ସେହିପରି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ବୁଧବାରଠାରୁ ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା ଆରମ୍ଭ ହୋଇଥିବା ବେଳେ ଭକ୍ତମାନେ ଦର୍ଶନ ସାରି ଉତ୍ତର ଦ୍ୱାର, ଦୋଳବେଦି ଦେଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରେ ବଡ଼ଦାଣ୍ଡକୁ ବାହାରୁଛନ୍ତି।

ମଙ୍ଗଳବାର ନିଆଯାଇଥିବା ନିଷ୍ପତ୍ତି ମୁତାବକ, ମନ୍ଦିର ଚାରିପାଖରେ କୌଣସି ଭେଣ୍ଡିଂ ଜୋନ୍ ରହିବ ନାହିଁ। ୱାନ୍‌ୱେରେ କେହି ଜରିପାଲ ଟାଣିପାରିବେ ନାହିଁ କିମ୍ବା ଉଠାଦୋକାନୀ ବସିପାରିବେ ନାହିଁ। ମନ୍ଦିର ଚାରିପାଖ ଏବଂ ସିଂହଦ୍ୱାର ସମ୍ମୁଖରେ କୌଣସି ଚାରିଚକିଆ ଓ ଦୁଇଚକିଆ ଗାଡ଼ି ପାର୍କିଂ ହେବନାହିଁ। ସେବାୟତଙ୍କ ଲାଗି ମନ୍ଦିର ନିକଟରେ ପାର୍କିଂ ବ୍ୟବସ୍ଥା ରହିବ। ପ୍ରୋଟୋକଲରେ ଆସୁଥିବା ଭିଆଇପିଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଭିଆଇପିଙ୍କ ଗାଡ଼ି ମଧ୍ୟ ସିଂହଦ୍ୱାର ନିକଟରେ ପାର୍କିଂ କରାଯିବ ନାହିଁ। ଭକ୍ତଙ୍କ ଯା'ଆସ ଲାଗି ମନ୍ଦିର ଚତୁଃପାର୍ଶ୍ୱକୁ ମୁକ୍ତ କରାଯିବ। କୌଣସି ଦୋକାନୀ ସେଠାରେ ବସିପାରିବେ ନାହିଁ। ବୁଧବାରଠାରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଅଞ୍ଚଳକୁ ବାରିକେଡ଼ ପକାଇ ଘେରାଇ ଦିଆଯାଇଛି। କେବଳ ରାଧାବଲ୍ଲଭ ମଠ ପାର୍ଶ୍ୱରେ ୧୫ରୁ ୨୦ ଫୁଟ ଚଉଡ଼ାର ରାସ୍ତା ଛାଡ଼ି ଦିଆଯାଇଛି। ଏହି ବାଟ ଦେଇ ବାଇକ୍ ଏବଂ ଲୋକେ ଚାଲି ଚାଲି ଯିବା ଆସିବା କରୁଛନ୍ତି। ଫଳରେ ଅଧିକାଂଶ ସମୟ ଏହି ସଂକୀର୍ଣ୍ଣ ରାସ୍ତା ଜାମ୍ ରହୁଛି। ଜଗନ୍ନାଥବଲ୍ଲଭ ପାର୍କିଂରୁ ବରିଷ୍ଠ ନାଗରିକଙ୍କୁ ଆଣି ଆସୁଥିବା ଗାଡ଼ି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ବାରିକେଡ଼ ପର୍ଯ୍ୟନ୍ତ ଆସୁଛି। ସେଠାରେ ବରିଷ୍ଠ ନାଗରିକମାନେ ଓହ୍ଲାଇ ବ୍ୟାରିକେଡ଼ ଡେଇଁ ସିଂହଦ୍ୱାର ପାର୍ଶ୍ୱରେ ଥିବା ଗାଡ଼ିରେ ବସି ମନ୍ଦିର ନିକଟକୁ ଆସୁଛନ୍ତି।

ତେବେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠୁ ସିଂହଦ୍ୱାର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବସୁଥିବା ଉଠାଦୋକାନୀମାନେ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ବୁଧବାର ଏମାନେ ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କୁ ଭେଟି ଥଇଥାନ ପାଇଁ ବ୍ୟବସ୍ଥା କରିବାକୁ ଅନୁରୋଧ ଜଣାଇଛନ୍ତି। ସେମାନେ ଅତିରିକ୍ତ ଜିଲାପାଳଙ୍କୁ ଦେଇଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ଆମମାନଙ୍କ ଅଗୋଚରରେ ପ୍ରଶାସନ ହଠାତ୍ ଏଭଳି ନିଷ୍ପତ୍ତି ନେଇଛି। ବୁଧବାର ସକାଳୁ ଆମକୁ ଦୟନୀୟ ଭାବେ ଉଠାଇ ଦିଆଯାଇଛି। ବିଭିନ୍ନ ଯାନିଯାତ୍ରା ସମୟରେ ଦୋକାନକୁ ଉଠାଇ ନେଇ ଆମେ ପ୍ରଶାସନକୁ ସହଯୋଗ କରିଥାଉ। କିନ୍ତୁ ଏହି ନିଷ୍ପତ୍ତି ଦ୍ୱାରା ପରିବାର ପ୍ରତିପୋଷଣ କରିବା ଏବେ କଷ୍ଟକର ହୋଇପଡ଼ିବ। ତେଣୁ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରିବାକୁ ସେମାନେ ଗୁହାରି ଜଣାଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଶ୍ରୀମନ୍ଦିର ହେଉଛି ବିଶ୍ୱବିଖ୍ୟାତ ମନ୍ଦିର। ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟହ ବହୁସଂଖ୍ୟକ ଶ୍ରଦ୍ଧାଳୁ ଆସୁଛନ୍ତି। ସେମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନକରି ଭଲ ଅନୁଭୂତି ନେଇ ଫେରିବେ ସେଥିଲାଗି ସିଂହଦ୍ୱାର ଅଞ୍ଚଳକୁ ଫ୍ରି ଜୋନ୍ କରାଯାଇଛି। ଏ ନେଇ ବିଭିନ୍ନ ବର୍ଗର ଲୋକ, ଉଠାଦୋକାନୀ ଓ ସ୍ଥାନୀୟ ସାହିର ସ୍ୱେଚ୍ଛାସେବୀଙ୍କ ସହ ଆଲୋଚନା ହୋଇଛି। ସିଂହଦ୍ୱାର ସମ୍ମୁଖ ଅଞ୍ଚଳରେ ଉଠାଦୋକାନୀ ବସିବା ଫଳରେ ଭକ୍ତଙ୍କ ଯିବା ଆସିବାରେ ଅସୁବିଧା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ଅନ୍ୟପକ୍ଷରେ ପ୍ରଭାବିତ ଉଠାଦୋକାନୀଙ୍କ ମତାମତ ନିଆଯାଇ ସେମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଛି। ଫ୍ରି ଜୋନ ମଧ୍ୟରେ ଥିବା ଦୋକାନଗୁଡ଼ିକ ସମ୍ବନ୍ଧରେ ମଧ୍ୟ ତଥ୍ୟ ସଂଗ୍ରହ ଚାଲିଛି। ସେମାନଙ୍କ ଦୋକାନରେ କେତେଜଣ କର୍ମଚାରୀ ଅଛନ୍ତି, ଗାଡ଼ି ପାର୍କିଂ ଆଦି ସବୁ ବିଷୟକୁ ନଜର ରଖାଯାଇଛି। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ମେଘନାଦ ପାଚେରି ଚତୁଃପାର୍ଶ୍ୱରେ ଯେପରି କେହି ବସିପାରିବେ ନାହିଁ ସେଥିଲାଗି ଏଭଳି ପଦକ୍ଷେପ ନିଆଯାଇଛି। ଏଥିସହ ପରିକ୍ରମା ମାର୍ଗକୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ କରାଯିବ ବୋଲି ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି।

**ଥଇଥାନ ଲାଗି ପ୍ରଶାସନକୁ ଉଠାବ୍ୟବସାୟୀଙ୍କ ଗୁହାରି**



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ହୋଇଥିବା ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା



ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଉଠାଦୋକାନୀମାନେ।